# କଟକ ସିଟି





### ଦୁଇ ବର୍ଷର ବିକାଶମୂଳକ ଯୋଜନା ଉପସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

## ସଭାରେ ୬ ବିଧାୟକ, ଦୁଇ ସାଂସଦଙ୍କ ସମେତ ମେୟର ଅନୁପସ୍ଥିତ




କଟକ, ୧୮ ।୬ (ସମିସ): ଓଡ଼ିଆବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ଆଜି "ବିକାଶର ଧାରା ଓଡ଼ିଶା ସାରା" ଜିଲ୍ଲାସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟଅତିଥି ଭାବେ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ସଫଳତା ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବିଦ୍ୟୁତ ଯୋଗାଣ ସମ୍ପର୍କରେ ସୂଚନା ଦେବାକୁ ଯାଇ କହିଛନ୍ତି ଯେ ନୂତନ ୪ଟି ଗ୍ରୀଡ ସଂଯୋଗୀକରଣ କରାଯାଇଛି । ବର୍ତ୍ତମାନ ବଡମ୍ବା, ବାଙ୍କୀ ଅଞ୍ଚଳରୁ ପନିପରିବା ବିଦେଶକୁ ରପ୍ତାନୀ କରାଯାଉଛି । ଏଲନିନୋ ପ୍ରଭାବରେ କମ ବୃଷ୍ଟିପାତକୁ ଲକ୍ଷ ରଖି ଅଳ୍ପ ସମୟ ମଧ୍ୟରେ ଅମଳକ୍ଷମ ବିହନ ବ୍ୟବହାର କରିବା ଉପରେ ଉପ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁପ୍ରସାଦ ତରାଇ, କଟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନିଆଳି ବିଧାୟକ ଛବି ମଲ୍ଲିକ, ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କେନ୍ଦ୍ରାପଡା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଅଧୀନରେ ହିତାଧିକାରୀଙ୍କୁ କାର୍ଡ, ଅଙ୍ଗନବାଡି କର୍ମୀଙ୍କୁ ସ୍ମାର୍ଟ ଫୋନ, ଆୟୁଷ୍ମାନ ବୟୋ ବନ୍ଦନ ଯୋଜନାରେ କାର୍ଡ ବଣ୍ଟନ କରିବା ସହ ଶିକ୍ଷା କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଟକ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ କିରଣଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସଭାରେ ନିମନ୍ତ୍ରିତ ଅତିଥି ଥିବା ୬ ଜଣ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରଶାନ୍ତ ବେହେରା, ସୌଭିକ ବିଶ୍ୱାଳ, ସାରଦା ପ୍ରଧାନ, ଦେବୀରଂଜନ ତ୍ରିପାଠୀ, ବିଜୟ କୁମାର ଦଳବେହେରା, ଦୁଇ ଜଣ ସାଂସଦ ଭର୍ତ୍ତୃହରି ମହତାବ ଓ ବୈଜୟନ୍ତ ପଣ୍ଡାଙ୍କ ସମେତ କଟକ ମହାନଗର ନିଗମର ମେୟର ସୁବାସ ସିଂହ, କଟକ ଜିଲ୍ଲା ପରିଷଦ ସଭାପତି କିଶୋରଚନ୍ଦ୍ର ମିଶ୍ର ପ୍ରମୁଖ ଅନୁପସ୍ଥିତ ଥିଲେ । ଅତିଥିମାନେ ଜିଲ୍ଲାର ଉନ୍ନତିମୂଳକ ପ୍ରକଳ୍ପ, କଟକ ଚଣ୍ଡୀ ମନ୍ଦିର, ରେଭେନ୍ସା ବାଳିକା ବିଦ୍ୟାଳୟ, ତାରକସି ହବ୍, ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ । ପରେ ଉପମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ରଦକ୍ଷଣ ଗୃହଠାରେ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁଇ ବର୍ଷର କାର୍ଯ୍ୟକାଳର ସଫଳତା ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

### ଦୁଇ ବର୍ଷ ପୂର୍ତ୍ତିରେ ସରକାର; ଜିଲ୍ଲାକୁ ମିଳିନି ଟାର୍ଗେଟ

## ବାର୍ଦ୍ଧକ୍ୟ ଭତ୍ତା ଅପେକ୍ଷାରେ ୩୭ ହଜାର ୪୩୪ ଆଶାୟୀ

କଟକ,୧୮ ।୬(ସମିସ):

ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ପାଳନ କରୁଛନ୍ତି । ବିଭିନ୍ନ ସ୍ଥାନରେ ବଖାଣୁଛନ୍ତି ଦୁଇ ବର୍ଷ ସଫଳତାର କାହାଣୀ; ଅଥଚ ଦୁଇ ବର୍ଷ ଧରି ଜିଲ୍ଲାରେ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଆବେଦନ କରି ଆଶାରେ ଥିବା ବୃଦ୍ଧବୃଦ୍ଧାଙ୍କ ଆବେଦନକୁ ଏଯାଏଁ ବିଚାରକୁ ନେଇପାରିନାହାନ୍ତି । ଜିଲ୍ଲାକୁ ନୂଆ ଟାର୍ଗେଟ ଦେଉ ନଥିବାରୁ ଆବେଦନ କରିଥିବା ହଜାର ହଜାର ବୃଦ୍ଧବୃଦ୍ଧାଙ୍କୁ ନିରାଶ ହେବାକୁ ପଡିଛି । ଏହିଭଳି ୩୭ ହଜାର ୪୩୪ଜଣ ହିତାଧିକାରୀ କଟକ ଜିଲ୍ଲାରେ ଭତ୍ତା ପାଇ ନ ପାରି ଅପେକ୍ଷା କରି ରହିଛନ୍ତି ।

ଜଣେ ବୃଦ୍ଧ ଅବା ବୃଦ୍ଧାଙ୍କୁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପୃଥକ ପୃଥକ ଯୋଜନାରେ ହଜାରେ ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରୁଛନ୍ତି । କେନ୍ଦ୍ର ସରକାର ନ୍ୟାସନାଲ ସୋସିଆଲ ଆସିଷ୍ଟାଣ୍ଟ ପ୍ରୋଗ୍ରାମରେ କିଛି ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଥିଲାବେଳେ ଆଉ କିଛି ହିତାଧିକାରୀଙ୍କୁ ରାଜ୍ୟ ସରକାର ମଧୁବାବୁ ପେନ୍‌ସନ୍ ଯୋଜନାରେ ସାମିଲ୍ କରି ଏହି ଭତ୍ତା ପ୍ରଦାନ କରିଆସୁଛନ୍ତି । କିନ୍ତୁ ହିତାଧିକାରୀଙ୍କ ମଧ୍ୟରୁ ସିଂହଭାଗ ରାଜ୍ୟ ସରକାର ପ୍ରଦାନ କରିଥାନ୍ତି । ଏହି ହିସାବରେ ଦେଖିଲେ କଟକ ଜିଲ୍ଲାରେ ୩ଲକ୍ଷ ୧୯ ହଜାର ୯୪୩ଜଣ ହିତାଧିକାରୀ ଭତ୍ତା ପାଉଛନ୍ତି । ଏଥିରୁ ଏମ୍‌ବିପିଓଆଇରେ ୨ଲକ୍ଷ ୧୪ ହଜାର ୪୦୨ଜଣ ହିତାଧିକାରୀ ଉପକୃତ ହେଉଥିଲାବେଳେ ଏସ୍‌ଏସ୍‌ଏପିରେ ୧ଲକ୍ଷ ୫ ହଜାର ୫୪୧ଜଣ ହିତାଧିକାରୀ ଉପକୃତ ହେଉଛନ୍ତି । ଏତିକି ହିତାଧିକାରୀ ୨୦୨୪ ନିର୍ବାଚନ ପୂର୍ବରୁ ଭତ୍ତା ପାଇ ଆସୁଛନ୍ତି । ଦୁଇ ବର୍ଷ ଭିତରେ ଜିଲ୍ଲା ପାଇଁ ନୂଆ ହିତାଧିକାରୀଙ୍କୁ ସାମିଲ୍ ଲାଗି ଆଉ ନୂଆ ଟାର୍ଗେଟ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇ ନାହିଁ । ଫଳରେ ଭତ୍ତା ପାଇବା ପାଇଁ ଧାଡ଼ିରେ ରହିଥିବା ଆହୁରି ୩୭ ହଜାର ୪୩୪ଜଣ ହିତାଧିକାରୀ ଭତ୍ତା ପାଇନପାରି ବଡ଼ ଦୁଃଖରେ ରହିଛନ୍ତି ଓ ଯେଉଁମାନେ ଭତ୍ତା ପାଇ ଆସୁଥିଲେ, ଗତ ତିନି ମାସ ଧରି ସେମାନେ ବି ଏହି ଭତ୍ତାରୁ ବଞ୍ଚିତ ହେଉଛନ୍ତି । ଏହିଭଳି ୩ଲକ୍ଷ ୧୯ ହଜାର ୯୪୩ଜଣ ହିତାଧିକାରୀ ଭତ୍ତା ପାଇ ନପାରି ଯନ୍ତ୍ରଣାରେ ଅଛନ୍ତି । ଆହୁରି ଏମିତି କିଛି ବୃଦ୍ଧ ବୃଦ୍ଧା ଅଛନ୍ତି ଯେଉଁମାନେ ଭତ୍ତା ପାଇବା ପାଇଁ ସରକାରଙ୍କ ସମସ୍ତ ମାନଦଣ୍ଡକୁ ପୂରଣ କରୁଥିଲେ ମଧ୍ୟ ବର୍ଷବର୍ଷ ଧରି ଭତ୍ତା ପାଇପାରିନନାହାନ୍ତି । ନିୟମ ହେଉଛି ଯେ ଯେତେବେଳେ ରାଜ୍ୟ ସରକାର ନୂତନ ହିତାଧିକାରୀଙ୍କ ପାଇଁ ଟାର୍ଗେଟ୍ ଦେବେ ସେତେବେଳେ ଯେଉଁମାନେ ଧାଡ଼ିରେ ରହିଥିବେ ସେମାନଙ୍କୁ ପ୍ରାଥମିକତା ଭିତ୍ତିରେ ଭତ୍ତା ପ୍ରଦାନ କରାଯିବ । କିନ୍ତୁ ନୂତନ ଟାର୍ଗେଟ୍ ଆସୁନଥିବାରୁ ଧାଡ଼ିରେ ରହିଥିବା ଏହି ହିତାଧିକାରୀଙ୍କ ଦୁଃଖ ବଢିବାରେ ଲାଗିଛି । ଯେଉଁଠି ଜଣେ ଭତ୍ତା ହିତାଧିକାରୀଙ୍କର ମୃତ୍ୟୁ ହୁଏ ସେହି ସ୍ଥାନରେ ଧାଡ଼ିରେ ଥିବା ହିତାଧିକାରୀଙ୍କ ଭିତରୁ ଜଣକୁ ସାମିଲ୍ କରାଯାଏ । ନିକଟରେ ରାଜ୍ୟ ସରକାର ଘୋଷଣା କରିଛନ୍ତି ଯେ ଏଣିକି ଆଉ ଭତ୍ତା ପାଇବା ପାଇଁ ଅନ୍ୟ ଜଣେ ବୃଦ୍ଧ କିମ୍ବା ବୃଦ୍ଧାଙ୍କ ମୃତ୍ୟୁକୁ କାହାରିକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ଯେଉଁମାନେ ବି ଆବେଦନ କରିଥିବେ ସେମାନେ ସମସ୍ତଙ୍କୁ ଭତ୍ତା ଦିଆଯିବ । ଏହି ଘୋଷଣା ପରେ ବି ଜଣେ ହେଲେ ନୂତନ ହିତାଧିକାରୀଙ୍କୁ ଏଭଳି ପ୍ରକ୍ରିୟାରେ ସାମିଲ୍ କରାଯାଇ ନାହିଁ । ଫଳରେ କଟକ ଜିଲ୍ଲାରେ ଏହିଭଳି ୩୭ହଜାର ହିତାଧିକାରୀ ଭତ୍ତା ପାଇପାରିନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଏ ସଂକ୍ରାନ୍ତରେ କଟକ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋଜ କୁମାର ରଥ କହିଛନ୍ତି ଯେ ପ୍ରତ୍ୟେକ ହିତାଧିକାରୀଙ୍କ ଆକାଉଣ୍ଟକୁ ବ୍ୟାଙ୍କ ସହ ଯୋଡ଼ା ଯାଉଥିବାରୁ ଭତ୍ତା ପାଇବାରେ ବିଳମ୍ବ ହୋଇଛି । ଆକାଉଣ୍ଟ ସହ ବ୍ୟାଙ୍କ ସଂଯୋଗୀକରଣ କାର୍ଯ୍ୟ ଶେଷ ହୋଇଯିବା ପରେ ହିତାଧିକାରୀମାନଙ୍କୁ ଭତ୍ତା ମିଳିଯିବ । ଯେଉଁମାନେ ଭତ୍ତା ପାଇଁ ଆବେଦନ କରି ଆଜି ପର୍ଯ୍ୟନ୍ତ ପାଇପାରିନାହାନ୍ତି ଖୁବ୍‌ଶୀଘ୍ର ସେମାନଙ୍କୁ ଭତ୍ତା ମିଳିଯିବାର ସମ୍ଭାବନା ରହିଛି ।

### ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳି

## ୨୫ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ସ୍କୁଲ୍ ସକାଳୁଆ

କଟକ,୧୮ ।୬(ସମିସ): ଜିଲ୍ଲାରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରାଯାଇଛି । ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଆସନ୍ତାକାଲିଠାରୁ ଜୁନ୍‌୨୫ତାରିଖ ପର୍ଯ୍ୟନ୍ତ ସକାଳୁଆ ହେବ । ଏନେଇ ଜିଲ୍ଲାପାଳଙ୍କ ଅନୁମୋଦନକ୍ରମେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ସକାଳ ୬ଟା୩୦ରୁ ୧୦ଟା ୩୦ ଯାଏଁ ଶିକ୍ଷାଦାନ ଚାଲିବ ବୋଲି କୁହାଯାଇଛି । ଏହି ଆଦେଶ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ସରକାରୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨ କଲେଜ) ପାଇଁ ସମାନ ଭାବେ ଲାଗୁ ହେବ । ଏଥିରେ କୌଣସି ପ୍ରକାରର ଅବହେଳା କିମ୍ବା ଖିଲାପକୁ ବରଦାସ୍ତ କରାଯିବ ନାହିଁ ଏବଂ ଏହାକୁ ଗମ୍ଭୀରତାର ସହ ନିଆଯିବ ବୋଲି ପ୍ରଶାସନ ଚେତାବନୀ ଦେଇଛି । ସ୍କୁଲ୍ ସମୟ ବଦଳିଥିଲେ ମଧ୍ୟ ଯଦି ଏହି ସମୟ ମଧ୍ୟରେ କୌଣସି ପୂର୍ବ ନିର୍ଦ୍ଧାରିତ ପରୀକ୍ଷା ଥାଏ, ତେବେ ତାହା ପୂର୍ବ ଯୋଜନା ଓ ସୂଚୀ ଅନୁଯାୟୀ ହିଁ ଅନୁଷ୍ଠିତ ହେବ ।

## ଦେଶୀ ମଦ ଜବତ; ଜଣେ ଗିରଫ

କଟକ,୧୮ ।୬(ସମିସ): ମଙ୍ଗଳାବାଗ ଥାନା ପୁଲିସ ହାଡ଼ିଆ ପଠାରେ ଚଢ଼ଉ କରି ବିପୁଳ ପରିମାଣର ବେଆଇନ ଦେଶୀ ମଦ ଜବତ କରିବା ସହ ଜଣେ ବେପାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ମାଛୁଆ ବଜାର ଅଞ୍ଚଳର କାଳିଆ ଓରଫ୍ କାଳନ୍ଦୀ ସାହୁ (୫୫) । ପୁଲିସ ଟିମ୍ ସହରରେ ପାଟ୍ରୋଲିଂ ଏବଂ ଅବକାରୀ ଯାଞ୍ଚ କରୁଥବା ବେଳେ ମାଛୁଆ ବଜାରର ହାଡ଼ିଆପଠା ଅଞ୍ଚଳରେ ବେଆଇନ ଭାବେ ଦେଶୀ ମଦ ବିକ୍ରି ଚାଲିଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଖବର ପାଇବା ମାତ୍ରେ ପୁଲିସ ଟିମ୍ ଚଢ଼ଉ କରି କାଳିଆକୁ କାବୁ କରିଥିଲା । ଘଟଣାସ୍ଥଳରୁ ୨ଟି କାଗଜ କାର୍ଟୁନରେ ପ୍ୟାକ୍ ହୋଇ ରହିଥିବା ୫୦ ବୋତଲ ଆସ୍କା-୪୦ ଜବତ କରାଯାଇଛି ।

## ମୋବାଇଲ୍ ଚୋର ଗିରଫ

କଟକ,୧୮ ।୬(ସମିସ): ସିଏନବିଟିରେ ମୋବାଇଲ ଚୋରି ମାମଲାରେ ବାଦାମବାଡ଼ି ଥାନା ପୁଲିସ ଜଣେ ଦୁର୍ବୃତ୍ତକୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଉଛି, ଢେଙ୍କାନାଳ ଜିଲ୍ଲା ନିହାଲପ୍ରସାଦର ରଞ୍ଜନ ପାତ୍ର(୨୯) । ତା ନିକଟରୁ ୩ଟି ଚୋରା ମୋବାଇଲ ଜବତ ହୋଇଛି । ବୁଧବାର ରାତିରେ ନୟାଗଡ଼ର ସନ୍ତୋଷ କୁମାର ସାହୁ ଶୋଇଥିବା ବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା । ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୋଗ ଆଧାରରେ ସିସି କ୍ୟାମେରା ଫୁଟେଜ ଯାଞ୍ଚ ପରେ ସିଏନବିଟିରୁ ରଞ୍ଜନକୁ ଠାବ କରିଥିଲା । ତାକୁ ଗିରଫ କରିଥିବା ବେଳେ ତା ନିକଟରୁ ତିନୋଟି ଚୋରା ମୋବାଇଲ୍ ଜବତ କରିଛି । ଏହା ପୂର୍ବରୁ ସେ ମଙ୍ଗଳାବାଗ ଥାନାରେ ଏକ ଅପରାଧିକ ମାମଲାରେ ମଧ୍ୟ ସମ୍ପୃକ୍ତ ଥିଲା ।

## ଓଡ଼ିଶା ରକ୍ତଦାତା ମହାସଂଘ ସଭାପତି ଡ ନରେଶଚନ୍ଦ୍ର ସାହୁ ସମ୍ମାନିତ



କଟକ, ୧୮ ।୬ (ସମିସ): କଟକସ୍ଥିତ ଏସସିବି ରକ୍ତକେନ୍ଦ୍ର ଦ୍ୱାରା ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଏସସିବି ଅଡିଟୋରିଅମରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶା ରକ୍ତଦାତା ମହାସଂଘର ସଭାପତି ଡ଼ଃ ନରେଶଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଇଛି । ବର୍ଷର ବିଭିନ୍ନ ସମୟରେ ବିଶେଷ କରି ଖରାଦିନେ ଥାଲାସେମିଆ ରୋଗୀଙ୍କ ପାଇଁ ରକ୍ତଦାନ ଶିବିର ଆୟୋଜନ କରି ଏସସିବି ରକ୍ତ କେନ୍ଦ୍ରକୁ ସହାୟତା ପ୍ରଦାନ କରିବା ନିମନ୍ତେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଅତିଥି ଭାବେ ମେଡିକାଲ୍ କଲେଜର ଅଧ୍ୟକ୍ଷ ପ୍ରତିଭା ପଣ୍ଡା, ଅଧୀକ୍ଷକ ଡାଃ ଜ୍ୟୋତିଷଚନ୍ଦ୍ର ଚୌଧୁରୀ, ଏସବିଟିସି ଯୁଗ୍ମ ନିର୍ଦ୍ଦେଶକ ବ୍ଲଡ ସେଫ୍ଟୀ ଡାଃ ଦେବାଶିଷ୍ ମିଶ୍ର ଓ ଏସସିବି ଟ୍ରାନସ୍ଫୁଜନ୍ ମେଡ଼ିସିନ ବିଭାଗର ମୁଖ୍ୟ ଡାଃ ସ୍ମିତା ମାହାପାତ୍ର ଯୋଗ ଦେଇଥିଲେ । ନିମନ୍ତ୍ରିତଅତିଥି ଭାବେ ଏସସିବିର ଏଡମିନ ଅଫିସର୍ ସୁବାସଚନ୍ଦ୍ର ରାଉତ ଓ ଆସୋସିଏଟ ପ୍ରଫେସର୍ ସୁସ୍ମିତା ବେହେରା ଯୋଗ ଦେଇଥିଲେ । ଡ. ସାହୁଙ୍କ ତରଫରୁ ବଡ଼ ଭାଇ ରମେଶ ଚନ୍ଦ୍ର ସାହୁ ଓ ଓଡିଶା ରକ୍ତଦାତା ମହାସଂଘର ରାଜେଶ ପଣ୍ଡା ଏହି ପ୍ରଶଂସାପତ୍ର ମୁଖ୍ୟଅତିଥି ଡାଃ ପ୍ରତିଭା ପଣ୍ଡାଙ୍କଠାରୁ ଗ୍ରହଣ କରିଥିଲେ । ଡ ସାହୁ ବର୍ତ୍ତମାନ ଯାଏ ୧୦୧ ଥର ରକ୍ତଦାନ କରିସାରିଛନ୍ତି ଏବଂ ଓଡିଶାର ବିଭିନ୍ନ ଜିଲ୍ଲାରେ ରକ୍ତଦାନ ଶିବିରର ଆୟୋଜନ କରିଥାନ୍ତି । କାର୍ଯ୍ୟକ୍ରମ ଅବସରରେ ୧୦୦ରୁ ଅଧିକ ରକ୍ତଦାତା ଓ ସଂଗଠନଗୁଡ଼ିକୁ ସମ୍ମାନିତ କରାଯାଇଥିଲା । ଏସସିବି ଟ୍ରାନସ୍ଫ୍ୟୁଜନ୍ ମେଡ଼ିସିନ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ୍ ଓ ଗ୍ରାଚ୍ୟୁଇଟି ଅର୍ଥ ମଞ୍ଜୁର

## ଦରମା ବନ୍ଦ ନିର୍ଦ୍ଦେଶ ପ୍ରତ୍ୟାହାର କଲେ ହାଇକୋର୍ଟ

କଟକ, ୧୮ ।୬ (ସମିସ): ଓଡ଼ିଶା ହାଇକୋର୍ଟଙ୍କ ହସ୍ତକ୍ଷେପରେ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ତାଙ୍କର ଦୀର୍ଘ ଦିନର ବକେୟା ପେନସନ୍ ଏବଂ ଗ୍ରାଚ୍ୟୁଇଟି ମଞ୍ଜୁର ହୋଇଛି । ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ପୂର୍ବରୁ ପ୍ରତିପକ୍ଷ ସରକାରୀ ଅଧିକାରୀ ତଥା ପଞ୍ଚାୟତିରାଜ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲ୍ଲାପାଳଙ୍କ ଦରମା ବନ୍ଦ ନିର୍ଦ୍ଦେଶକୁ ପ୍ରତ୍ୟାହାର କରିଛନ୍ତି । ସୁରେନ୍ଦ୍ର କୁମାର ଚୌବେଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ମାମଲାର ଶୁଣାଣି କରି ହାଇକୋର୍ଟ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ ୨୦୧୨ ନଭେମ୍ବର ୩୦ରେ ଆବେଦନକାରୀ କଳାହାଣ୍ଡି ଜିଲ୍ଲାର ପଞ୍ଚାୟତିରାଜ ବିଭାଗରୁ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କୁ ଚୂଡାନ୍ତ ପେନ୍‌ସନ୍ ଓ ଅନ୍ୟ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯାଇ ନଥିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଏପ୍ରିଲ ୬ରେ ମାମଲାର ଶୁଣାଣି ସମୟରେ ସରକାରଙ୍କ ତରଫରୁ ଦର୍ଶାଯାଇଥିଲା ଯେ ଆବେଦନକାରୀଙ୍କ ସର୍ଭିସ ବୁକ୍ ଏ ପର୍ଯ୍ୟନ୍ତ ନିୟମିତ ହୋଇ ନ ଥିବାରୁ ପେନ୍‌ସନ୍ ଓ ଅନ୍ୟ ଅବସରକାଳୀନ ସୁବିଧା ମିଳିନାହିଁ । ଆବେଦନକାରୀଙ୍କୁ ସମସ୍ତ ସୁବିଧା ୪ ସପ୍ତାହ ଭିତରେ ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ମେ ୨୧ରେ ମାମଲାର ଶୁଣାଣି ସମୟରେ ସ୍ପଷ୍ଟ ହୋଇଥିଲା ଯେ ଆବେଦନକାରୀଙ୍କ ପେନସନ୍ କାଗଜ ଆକାଉଣ୍ଟାଣ୍ଟ ଜେନେରାଲ୍‌ଙ୍କୁ ଏ ପର୍ଯ୍ୟନ୍ତ ପଠାଯାଇ ନାହିଁ । ଏଣୁ ପ୍ରତିପକ୍ଷ ପଞ୍ଚାୟତିରାଜ ନିର୍ଦ୍ଦେଶକ ଓ କଳାହାଣ୍ଡି ଜିଲ୍ଲାପାଳଙ୍କ ଦରମା ବନ୍ଦ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତେବେ ମାମଲା ଶୁଣାଣି ସମୟରେ ଅତିରିକ୍ତ ସରକାରୀ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ ଆବେଦନକାରୀଙ୍କ ସପକ୍ଷରେ ଗତ ୦୧.୧୨.୨୦୧୨ଠାରୁ ପେନସନ୍ ମଞ୍ଜୁର କରାଯାଇ ସାରିଛି । ଏହାସହିତ ଜୁନ ୧୦ର ନିର୍ଦ୍ଦେଶ ଅନୁଯାୟୀ ୧,୨୦,୩୭୦ ଟଙ୍କାର ଗ୍ରାଚ୍ୟୁଇଟି ମଧ୍ୟ ମଞ୍ଜୁର କରାଯାଇଛି । ଏହି ସମସ୍ତ ସୁବିଧା ପ୍ରଦାନ କରାଯାଇ ସାରିଥିବାରୁ ପୂର୍ବରୁ ଅଧିକାରୀଙ୍କ ବିରୋଧରେ ଦିଆଯାଇଥିବା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶକୁ ରଦ୍ଦ କରିବା ପାଇଁ ସରକାରୀ ଓକିଲ ଅନୁରୋଧ କରିଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ହାଇକୋର୍ଟ ଅଧିକାରୀମାନଙ୍କ ଦରମା ବନ୍ଦ ଏବଂ ଏସପିଙ୍କ ଜରିଆରେ ହାଜର ହେବା ନିର୍ଦ୍ଦେଶକୁ ପ୍ରତ୍ୟାହାର କରିଛନ୍ତି । ଆସନ୍ତା ଜୁଲାଇ ୨୦ ସୁଦ୍ଧା ବକେୟା ଓ ଚଳିତ ପେନସନ୍ ଟଙ୍କା ଆବେଦନକାରୀଙ୍କୁ ମିଳିଛି କି ନାହିଁ, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ରଖିବାକୁ ସରକାରୀ ଓକିଲଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୨୦ ତାରିଖରୁ ଆରମ୍ଭ ହେଉଥିବା ସପ୍ତାହରେ ହେବ ବୋଲି ଧାର୍ଯ୍ୟ କରାଯାଇଛି ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର ଦାବିରେ ବିକ୍ଷୋଭ




କଟକ, ୧୮ ।୬ (ସମିସ): ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ସଂପୂର୍ଣ୍ଣ ପ୍ରତ୍ୟାହାର କରିବା, ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବା, ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ଦାବିରେ ଆଜି ଛାତ୍ର ସଂଗଠନ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏଆଇଡିଏସଓ ରାଜ୍ୟ ପରିଷଦର ଉପସଭାପତି ଭଗ୍ୟରବି ଦାସ, ସମ୍ପାଦକ ସିଦ୍ଧାର୍ଥ ରଥ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ସଂଗଠନ କଟକ ଜିଲ୍ଲା କମିଟି ଉପସଭାପତି ଶିବାନୀ ସାହୁ, ସମ୍ପାଦକ ତରୁଣସେନ ନାୟକ, ସମ୍ପାଦକ ମଣ୍ଡଳୀ ସଦସ୍ୟ ଜ୍ୟୋସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂହ ଜିଲ୍ଲା କମିଟି ସଭ୍ୟ ସତ୍ୟବ୍ରତ ମୁଦୁଲି, କସକ ଜେନା, ରାଜେଶ ନାୟକ, ସରୋଜ ବେହେରା, ଦିନେଶ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଶେଷ ହେଲା ମହାଦେବ ଓ ପାର୍ବତୀଙ୍କ ବିବାହ ଉତ୍ସବ

କଟକ, ୧୮ ।୬ (ସମିସ):

ସହରରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ପବିତ୍ର ଦେବ ବିବାହ ଉତ୍ସବ ବା ଶୀତଳ ଷଷ୍ଠୀ ଯାତ୍ରା । କଟକର ବିଭିନ୍ନ ପ୍ରାଚୀନ ଶୈବପୀଠରେ ଏହି ଅବସରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସହରର ଗଳିକନ୍ଦିରେ 'ହର ହର ମହାଦେବ' ଓ 'ଓଁ ନମଃ ଶିବାୟ' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି । ପରମ୍ପରା ଅନୁଯାୟୀ, ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ତିଥି ରାତିରେ ମହାଦେବଙ୍କ ମଙ୍ଗଳକୃତ୍ୟ ଓ ବିବାହ ଉତ୍ସବ ଆରମ୍ଭ ହୋଇଥିଲା । କଟକର ପ୍ରସିଦ୍ଧ ପରମହଂସନାଥ ପୀଠ, ଗଡ଼ଗଡ଼ିଆ ମହାଦେବ ମନ୍ଦିର, ବିଶ୍ୱନାଥ ପୀଠ ସମେତ ବିଭିନ୍ନ ସାହିର ଶିବ ମନ୍ଦିରରେ ଏହି ଉତ୍ସବ ଅତ୍ୟନ୍ତ ସ୍ୱତନ୍ତ୍ର ଶୈଳୀରେ କରାଯାଇଛି । ବିବାହ ପାଇଁ ମନ୍ଦିରଗୁଡ଼ିକୁ ରଙ୍ଗବେରଙ୍ଗର ଆଲୋକମାଳା ଓ ସୁବାସିତ ଫୁଲରେ ସୁସଜ୍ଜିତ କରାଯାଇଥିଲା । ବୈଦିକ ରୀତିନୀତି ଅନୁସାରେ କନ୍ୟାପକ୍ଷଙ୍କ ଘରୁ ମାତା ପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ବିବାହ ମଣ୍ଡପକୁ ଅଣାଯାଇଥିବା ବେଳେ ବରଯାତ୍ରୀ ଶୋଭାଯାତ୍ରାରେ ମହାଦେବ ମଣ୍ଡପରେ ବିଜେ କରିଥିଲେ । ଏହି ବିବାହ ଉତ୍ସବରେ ସ୍ଥାନୀୟ ଶ୍ରଦ୍ଧାଳୁମାନେ କନ୍ୟାପକ୍ଷ ଓ ବରପକ୍ଷ ସାଜି ବିବାହର ସମସ୍ତ ରୀତିନୀତି ସମ୍ପାଦନ କରିଥିଲେ । ହସ୍ତଗଣ୍ଠି, ମହାଦୀପ ପ୍ରଜ୍ୱଳନ ଏବଂ ବେଦମନ୍ତ୍ର ସ୍ୱରରେ ସାରା ପରିବେଶ ଉତ୍ସବମୁଖର ହୋଇପଡ଼ିଥିଲା । ବିବାହ ସମ୍ପନ୍ନ ହେବା ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା । ଆଜି ଶୀତଳ ଷଷ୍ଠୀ ତିଥିରେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ପାଇଁ ସକାଳୁ ସକାଳୁ ଶିବ ମନ୍ଦିରଗୁଡ଼ିକରେ ହଜାର ହଜାର ଭକ୍ତଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି । ଭକ୍ତମାନେ ବାବାଙ୍କ ପୀଠରେ ଜଳାଭିଷେକ କରିବା ସହ ପରିବାରର ସୁଖ ସମୃଦ୍ଧି ପାଇଁ ପ୍ରାର୍ଥନା କରିଛନ୍ତି । ଆଜି ବିଳମ୍ବିତ ରାତିରେ ପ୍ରଭୁ ଶିବ ଓ ମାତା ପାର୍ବତୀଙ୍କ ନଗର ପରିକ୍ରମା ବା ସାହି ବୁଲା ଉତ୍ସବ ଅନୁଷ୍ଠିତ ହେବ, ଯେଉଁଥିରେ ସ୍ଥାନୀୟ ସାଂସ୍କୃତିକ ଦଳଙ୍କ ପକ୍ଷରୁ ପାରମ୍ପରିକ ନୃତ୍ୟ ଓ ବାଦ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ପ୍ରମୁଖ ପୀଠରେ ପୁଲିସ ଓ ସ୍ଥାନୀୟ କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।







# ଫାଣ୍ଡି ସାମ୍ନାରୁ ଚୋରି, ନିଦରେ ପୁଲିସ !

ବାରଙ୍ଗ, ୧୮।୬(ସମିସ)



ଫାଣ୍ଡି ସାମ୍ନାରେ ଚୋରି ହେଲା, ଚୋର ବି ଖସିଗଲା, ହେଲେ ଫାଣ୍ଡି ପୁଲିସ ଜାଣିପାରିଲାନି କେମିତି ? ଏଭଳି ଘଟଣା ଦେଖିବାକୁ ମିଳିଛି ବାରଙ୍ଗ ଥାନା ଗୋଡିସାହି ଫାଣ୍ଡି ସାମ୍ନାରେ। ଫାଣ୍ଡି ଗେଟ୍‌ଠାରୁ ମାତ୍ର ୧୫ ଫୁଟ ଦୂରରେ ଥିବା ପାନ ଦୋକାନରୁ ପାଖାପାଖି ୩୦ ହଜାର ଟଙ୍କାର ସାମଗ୍ରୀ ସହ ଟଙ୍କା ନେଇ ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ଏହି ଘଟଣା ପରେ ପୁଲିସ ନିଦରେ ଥିଲା କି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରୁଛନ୍ତି। ରାତି ୧୨ଟାରୁ ୨ଟା ଭିତରେ ଚୋରି ହୋଇଥିବା ପୁଲିସ କହିଥିବା ବେଳେ ଚୋର ଦୋକାନ କବାଟ ଭାଙ୍ଗି ଭିତରକୁ ପଶିଥିଲା। ହେଲେ ଥାନା ଭିତରେ ଡ୍ୟୁଟି ଅଫିସର କରୁଥିଲେ କ'ଣ ? ଦୋକାନୀ ନିଜେ ଆସି ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସକୁ ଏ ସମ୍ପର୍କରେ ସୂଚନା ମିଳିଛି। ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ହାର୍ଡ ଡିସ୍କ ମଧ୍ୟ ନେଇଯାଇଛନ୍ତି ଦୁର୍ବୃତ୍ତ। ଦୋକାନ ଭିତରୁ ପ୍ରାୟ ୩୦ ହଜାର ଟଙ୍କାର ସାମଗ୍ରୀ ଚୋରି କରି ନେଇଥିବାର ଦୋକାନ ମାଲିକ ଗୋଡିସାହିର କେଦାର ମହନ୍ତ କହିଛନ୍ତି। ବୁଧବାର ରାତିରେ ତାଙ୍କ ପାନ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଗୁରୁବାର ସକାଳେ ଦୋକାନରୁ ଚୋରି ହୋଇଥିବା ଜାଣିଥିଲେ। ଫାଣ୍ଡି ଅଧିକାରୀ ସୌମ୍ୟ ପାଣି କହିଲେ, ଫାଣ୍ଡିରେ ଲାଗିଥିବା ସିସିଟିଭି କ୍ୟାମେରାରେ ଚୋରିର ଦୃଶ୍ୟମାନ ହୋଇ ନଥିବା ବେଳେ ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି। ଖୁବଶୀଘ୍ର ଚୋରମାନେ ଧରାପଡ଼ିବେ। ତେବେ ଏଠାରେ ପ୍ରଶ୍ନ ଉଠେ, ଫାଣ୍ଡି ସାମ୍ନାରେ ସିସିଟିଭି ଥାଇ ଯଦି ପୁଲିସ ଜାଣିପାରୁନି, ତେବେ ସେ କ୍ୟାମେରା କାହା ପାଇଁ ? ପୁଲିସ ଗତକାଲି ରାତିରେ ବାରଙ୍ଗ ଥାନାଞ୍ଚଳରେ ବିଭିନ୍ନ ଗାଁରେ କନଜ୍ୟ ପାଟ୍ରୋଲିଂ କରି ସାଧାରଣ ଲୋକଙ୍କୁ ସଚେତନ କରିବାର ଉଦ୍ୟମ କରୁଥିବା ବେଳେ ଗୋଡିସାହି ଫାଣ୍ଡି ଆଗରୁ ଚୋରି ଘଟଣା ପୁଲିସ ପ୍ରତି ଚୋରମାନଙ୍କର ଭୟ ନଥିବାର ପ୍ରମାଣ ଦେଇଛି। କେଦାରଙ୍କର ଅଭିଯୋଗ ଆଧାରରେ ଫାଣ୍ଡି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଚୋର କିମ୍ବା ଚୋରି ସାମଗ୍ରୀ ପାଇବାରେ ସକ୍ଷମ ହୋଇପାରିନି।

# ୩ ଚୋରି ଅଭିଯୁକ୍ତ ଗିରଫ; ସାମଗ୍ରୀ ଜବତ



ନରସିଂହପୁର, ୧୮।୬(ସମିସ): ନରସିଂହପୁର ବ୍ଲକ କାନପୁର ଥାନା ଅନ୍ତର୍ଗତ କାଞ୍ଚିଆପଦା ଗ୍ରାମପଞ୍ଚାୟତର ନନ୍ଦପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ତାଲା ଭାଙ୍ଗି ବୁଧବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଏଥିରେ ଚୋରି ହୋଇଥିବା ସମସ୍ତ ସାମଗ୍ରୀକୁ କାନପୁର ପୁଲିସ ଜବତ କରିବା ସହିତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ପ୍ରାୟ ୪ଦିନ ନନ୍ଦପୁର ଗ୍ରାମର ସୁରେଶ କୁମାର ମଲ୍ଲିକ ସପରିବାର ଅନୁପସ୍ଥିତ ଥିବାର ସୁଯୋଗ ନେଇ ସେହି ଗ୍ରାମର ପଡୋଶୀ ଅଭିଯୁକ୍ତ ଆକାଶ ମଲ୍ଲିକ, ସମୀର ମଲ୍ଲିକ ଓ ବିଜୟ ମଲ୍ଲିକ ଛାତ ଡେଇଁ ଉପର କବାଟ ତାଲା ଭାଙ୍ଗି ଘରେ ପଶି ସମସ୍ତ ସୁନା ଅଳଙ୍କାର ସହିତ ଅନ୍ୟାନ୍ୟ ମୂଲ୍ୟବାନ ରୁପା ଓ ଟଙ୍କା ଚୋରି କରିଥିଲେ। ଗୁରୁବାର ସକାଳୁ ପରିବାର ଲୋକ କବାଟ ଖୋଲି ଦେଖନ୍ତି ତ ଆଲମିରା ଭାଙ୍ଗି ସମସ୍ତ ସୁନା, ରୁପା ଅଳଙ୍କାର ସହିତ ଟଙ୍କା ଚୋରି ହୋଇଛି। ଅଭିଯୋଗ ପରେ କାନପୁର ଥାନା ଅଧିକାରୀ ସୁଶୀଲ କୁମାର ନାୟକ ମାମଲା ରୁଜୁ କରି ଉପରୋକ୍ତ ତିନିଜଣଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ସମସ୍ତ ଚୋରି ହୋଇଥିବା ସାମଗ୍ରୀ ଓ ଟଙ୍କା ଉଦ୍ଧାର କରିଥିଲେ। ଏହାପରେ ଉକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ଥାନାଧିକାରୀ ଶ୍ରୀ ନାୟକ କହିଛନ୍ତି।

## ଖୋଲିଲା ବିଦ୍ୟାଳୟ: ଟିଗିରିଆ ବ୍ଲକରେ ୭୩ ପ୍ରତିଶତ ଉପସ୍ଥାନ

ଟିଗିରିଆ, ୧୮।୬ (ସମିସ): ଗ୍ରୀଷ୍ମ ଛୁଟି ପରେ ଆଜି ବିଦ୍ୟାଳୟ ଖୋଲିଛି। ପ୍ରଥମ ଦିନରେ ଟିଗିରିଆରେ ୭୩ ପ୍ରତିଶତ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ବ୍ଲକରେ ମୋଟ ୭୦ଟି ବିଦ୍ୟାଳୟ ମଧ୍ୟରୁ ୩୧ଟି ପ୍ରାଥମିକ ବିଦ୍ୟାଳୟ, ୨୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୪ଟି ବ୍ଲକ ଗ୍ରାଣ୍ଟ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଗୋଟିଏ ଲେଖାଏଁ ଆଶ୍ରମ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟ, ୧୩ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏହି ସମସ୍ତ ବିଦ୍ୟାଳୟରେ ଥିବା ଶିଶୁବାଟିକା ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୭୦୮ ଜଣ ଛାତ୍ରଛାତ୍ରୀ ଚଳିତ ଶିକ୍ଷାବର୍ଷରେ ପାଠ ପଢୁଛନ୍ତି। ଆଜି ପ୍ରଥମ ଦିବସରେ ସମୁଦାୟ ୫୬୭୫ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିଥିବା ସୂଚନା ମିଳିଛି। ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୪୦୪୫ ଜଣ ଛାତ୍ରଛାତ୍ରୀ ଆସିଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ ମୋଟ ୧୬୨୦ ଜଣ ଛାତ୍ରଛାତ୍ରୀ ବିଦ୍ୟାଳୟ କୁ ପ୍ରଥମ ଦିନରେ ଆସିଥିବା ଜଣାପଡ଼ିଛି। ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନରେ କମିଛି। ପାଗରେ ପରିବର୍ତ୍ତନ ଆସିବା ପରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟାରେ ବୃଦ୍ଧି ଘଟିବ ବୋଲି ଆଶା ପ୍ରକଟ କରାଯାଉଛି।

## ପିକୋଲ ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

● ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ

ସାଲେପୁର, ୧୮।୬(ସମିସ): ପିକୋଲ ଗ୍ରାମପଞ୍ଚାୟତରେ ମନରେଗା ଯୋଜନାରେ ଦେଖାଦେଇଥିବା ଅନିୟମିତତା, ଶ୍ରମିକମାନଙ୍କୁ କାମ ନମିଳିବା ଏବଂ କାଡ଼ା କେନାଲର ପୁନରୁଦ୍ଧାର ନହେବାରୁ ଚାଷ ଜମିକୁ ଜଳସେଚନ ଆଶଙ୍କା ରହିଛି। ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଏହାନେଇ ପିକୋଲ ପଞ୍ଚାୟତର ସମିତିସଭ୍ୟା ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନଗଲେ ସେ ବ୍ଲକ ସମ୍ମୁଖରେ ଗଣଧାରଣା ଦେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି। ସାଲେପୁର ବ୍ଲକ ଅନ୍ତର୍ଗତ ପିକୋଲ ପଞ୍ଚାୟତର ସମିତିସଭ୍ୟା ସୁଲୋଚନା ସାହୁ ମୁଖ୍ୟମନ୍ତ୍ରୀଙ୍କୁ ପିକୋଲ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଲିଖିତ ଭାବରେ ଜଣାଇଛନ୍ତି। ଏହି ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସମ୍ପୂର୍ଣ୍ଣ ଭାବେ ବାଟବଣା ହୋଇଛି। ସେହିପରି ଚାଷ ଜମିକୁ ସଂଯୋଗ କରୁଥିବା କାଡ଼ା କେନାଲଗୁଡିକ ପୁନରୁଦ୍ଧାର ହୋଇପାରିନାହିଁ। ଫଳରେ ଜଳସେଚନ ନେଇ ଆଶଙ୍କା ଉପୁଜିଛି। ଅପରପକ୍ଷରେ ଗ୍ରାମପଞ୍ଚାୟତର କୃଷି, ଗମନାଗମନ ଏବଂ ସାମାଜିକ ସଂସ୍କାର ପାଇଁ ଉଦ୍ଦିଷ୍ଟ ପ୍ରକଳ୍ପଗୁଡିକ ଅଧାରେ ଅଟକି ରହିଥିବାବେଳେ କେତେକ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇନାହିଁ। ଏହାନେଇ ଏହି ପଞ୍ଚାୟତର ସମିତିସଭ୍ୟା ସୁଲୋଚନା ସାହୁ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

## ବିଶ୍ୱ ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ

ନିଶ୍ଚିନ୍ତକୋଇଲି, ୧୮।୬(ସମିସ): ତରତଶାସନସ୍ଥିତ ମା' ହରଚଣ୍ଡୀ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ ପାଳିତ ହୋଇଯାଇଛି। ମଞ୍ଚର ସଭାପତି ଶରତଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ୮୦ ବର୍ଷରୁ ଅଧିକ ବହୁ



ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ରାମଚନ୍ଦ୍ର ପଣ୍ଡା, ବେଣୁଧର ବଳ, ହୃଦାନନ୍ଦ ଦଳାଇ, ଚନ୍ଦ୍ରମଣି ବେହେରା, ବିଚିତ୍ରାନନ୍ଦ ରାଉତ, ମହେଶ୍ୱର ପାଣି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଚେତନତା ବାର୍ତ୍ତା ପ୍ରଚାର ପାଇଁ ମଞ୍ଚ ପକ୍ଷରୁ ବିଭିନ୍ନ ସ୍ଥାନରେ ହୋର୍ଡିଂମାନ ଲଗାଯାଇଥିଲା। ଉପସଭାପତି ଅଜୟ କୁମାର ମଲ୍ଲ, ସମ୍ପାଦକ ଧନେଶ୍ୱର ସେଠୀ, ନିରଞ୍ଜନ ପଣ୍ଡା, ରଘୁନାଥ ଶତପଥୀ, ନିମାଇ ଚରଣ ରାଉତରାୟ, ମନମୋହନ ଦାସ, ଶିବପ୍ରସାଦ ପଣ୍ଡା, ପ୍ରତାପ କିଶୋର ମହାନ୍ତି, ଭରତଚନ୍ଦ୍ର ସାହୁ, ନିର୍ମଳଚନ୍ଦ୍ର ସ୍ୱାଇଁ, ରାଜନ କୁମାର ମହାନ୍ତି, ଉତ୍ତମ ରାଉତ ସଚେତନ କରାଇଥିଲେ।

## ସିଙ୍ଗୋ ହାଁସଦା ଟିଗିରିଆର ନୂଆ ବିଇଓ

ଟିଗିରିଆ, ୧୮।୬ (ସମିସ): ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା ଗତମାସରେ ଅବସର ଗ୍ରହଣ କରିବା ପରେ ୧୬ ତାରିଖରେ ରାଜ୍ୟ ପ୍ରାଥମିକ ଶିକ୍ଷା



ନିର୍ଦ୍ଦେଶାଳୟର କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୧୫୮୫ ଅନୁଯାୟୀ ଗୁରୁବାର ଆଠଗଡ଼ ବ୍ଲକ ଶିକ୍ଷାଧିକାରୀ ସିଙ୍ଗୋ ହାଁସଦାଙ୍କୁ ଟିଗିରିଆ ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀମତୀ ହାଁସଦା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ମାଧବଚନ୍ଦ୍ର ଦେହୁରୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର, ବିଆରଟି ସବିତା ପଣ୍ଡା, ରଞ୍ଜନ କୁମାର ନାୟକ ପ୍ରମୁଖ ଶିକ୍ଷାଧିକାରୀ ଶ୍ରୀମତୀ ହାଁସଦାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## କେସିସିଏସ୍ ପକ୍ଷରୁ ସହାୟତା ପ୍ରଦାନ

ନିଶ୍ଚିନ୍ତକୋଇଲି, ୧୮।୬(ସମିସ): କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ୍ ସୋସାଇଟି (କେସିସିଏସ୍) ସାଲେପୁର ଶାଖା ପକ୍ଷରୁ ଜଣେ ଦିବ୍ୟାଙ୍ଗ ଶିଶୁ ରିୟାଂଶୁ ବେହେରା(୭)ଙ୍କୁ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରାଯାଇଛି। ସୋସାଇଟ୍‌ର ସଭାପତି ସମାଜସେବୀ ପ୍ରମୋଦ



କୁମାର ସାହୁ ଗୁରୁବାର ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ପଞ୍ଚାୟତ ମହାଜନପୁର ଗ୍ରାମ ୯ନଂ ୱାର୍ଡ ବେହେରା ସାହିର କାର୍ତ୍ତିକ ବେହେରା ଓ କାଦମ୍ବିନୀ ବେହେରାଙ୍କ ଏକମାତ୍ର ପୁତ୍ରଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ପରିବାର ଆର୍ଥିକ ସ୍ୱଚ୍ଛଳ ନଥିବାରୁ ଶିଶୁର ଯତ୍ନପାଇଁ ପ୍ରତ୍ୟେକ ମାସରେ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ମଧ୍ୟ କରିଛନ୍ତି। ସାଲେପୁର ଶାଖା ପରିଚାଳକ ସୁକାନ୍ତ ପତିଙ୍କ ସଂଯୋଜନାରେ ଏଥିରେ ସୋସାଇଟ୍ ନିର୍ଦ୍ଦେଶକ ସାମ୍ବାଦିକ ଅକ୍ଷୟ କୁମାର ଦାସ, ଏଜେ ବିଜୟ ପଣ୍ଡା, ଶ୍ରୀକାନ୍ତ ପ୍ରଧାନ ଏବଂ ସ୍ଥାନୀୟ ୱାର୍ଡସଭ୍ୟା ଉପସ୍ଥିତ ଥିଲେ। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ଆଦି ବହୁ ଜିଲ୍ଲାରେ ଦଳିତ ଦୁସ୍ଥ ପରିବାରମାନଙ୍କୁ ସହଯୋଗ ମଧ୍ୟ କରାଯାଉଛି ବୋଲି ସେ ପ୍ରକାଶ କରିଥିଲେ।

## କୁଆଖାଇ ନଦୀବନ୍ଧ ଉନ୍ନତୀକରଣରେ ବିଳମ୍ବ; ବଢୁଛି ଅସନ୍ତୋଷ

ତ୍ରିଶୂଳିଆ, ୧୮।୬ (ସମିସ): ବାରଙ୍ଗ ବ୍ଲକ କୁଆଖାଇ ନଦୀବନ୍ଧ ରାସ୍ତାର ଉନ୍ନତୀକରଣ କାର୍ଯ୍ୟ ଦୀର୍ଘଦିନ ଧରି ଆଗଉ ନଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବେଲଗଛିଆ ପଞ୍ଚାୟତ ନରଣପୁରଠାରୁ ପ୍ରତାପନଗରୀ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ଦୀର୍ଘ ଏହି ରାସ୍ତାର ସୁଦୃଢ଼ୀକରଣ ପାଇଁ ପୂର୍ବ ସରକାର ସମୟରେ ୨୦୨୪ ମାର୍ଚ୍ଚ ୧୬ ତାରିଖରେ ଭୂମିପୂଜନ କରାଯାଇଥିଲା। ସେତେବେଳେ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ବ୍ୟୟବରାଦ କରାଯାଇ ୧୮ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରଖାଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା କଟକ ଓ ଭୁବନେଶ୍ୱର ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଅଞ୍ଚଳର ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆସିବ ବୋଲି ଆଶା କରାଯାଇଥିଲା। ଭୂମିପୂଜନର ଦୀର୍ଘ




ସମୟ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ସ୍ଥଳରେ ଉଲ୍ଲେଖନୀୟ କାମ ଆରମ୍ଭ ହୋଇନାହିଁ। ଏପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଜରାଜୀର୍ଣ୍ଣ ହୋଇ ରହିଥିବା ବେଳେ ବର୍ଷା ଦିନରେ ଯାତାୟାତ ଆହୁରି ବିପଦସଙ୍କୁଳ ହୋଇପଡୁଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଦୀର୍ଘଦିନ ଧରି ସେମାନେ ଭଲ ରାସ୍ତାର ଅପେକ୍ଷାରେ ରହିଛନ୍ତି। ଛାତ୍ରଛାତ୍ରୀ, ଚାକିରିଆ, ବ୍ୟବସାୟୀ ଓ ଦୈନନ୍ଦିନ ଯାତ୍ରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରକଳ୍ପର ବିଳମ୍ବ ପଛର କାରଣ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସରକାର ଓ ସମ୍ପୃକ୍ତ ବିଭାଗ ଶୀଘ୍ର ସ୍ପଷ୍ଟୀକରଣ ଦେବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

## ରଟିଲୋ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ

ସାଲେପୁର, ୧୮।୬(ସମିସ): ରଟିଲୋସ୍ଥିତ ରଙ୍ଗଣୀମଠରେ ପଞ୍ଚାୟତସ୍ତରୀୟ ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ସଭାପତି ଅଭିଷେକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରକାଶ ବେହେରା, ସମ୍ମାନିତ ଅତିଥି ଭାବେ ତ୍ରୈଲୋକ୍ୟନାଥ ପଣ୍ଡା, ଭାବଗ୍ରାହୀ ପ୍ରଧାନ, ଆଇନ୍‌ଜୀବୀ ଚିତ୍ତରଞ୍ଜନ ଶତପଥୀ, ଚଳଚ୍ଚିତ୍ର ଅଭିନେତା ଲୁବୁନ୍ ଟୁବୁନ୍, ଅଭିନେତ୍ରୀ ଲୁମ୍ବିନା ଶତପଥୀ ଯୋଗ ଦେଇଥିଲେ। ୩ଦିନ ଧରି ଅନୁଷ୍ଠିତ ଏହି ରଜ ମହୋତ୍ସବରେ ଏହି ଅଞ୍ଚଳର ଝିଅବୋହୂମାନଙ୍କ ମଧ୍ୟରେ ଅଳତା, କୁଙ୍କୁମ, ମେହେନ୍ଦୀ, ଝୋଟି, ମୁରୁଜ, ପୋଡ଼ପିଠା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କ ସହ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ସଞ୍ଜିବ ପ୍ରଧାନ, ଉପସଭାପତି ନିଳକଣ୍ଠ ମନ୍ତ୍ରୀ, ସହସମ୍ପାଦକ ରାଜେନ୍ଦ୍ର ସାହୁ, ଉପଦେଷ୍ଟା ନିରଞ୍ଜନ ସାହୁ, କୋଷାଧ୍ୟକ୍ଷ କରୁଣାକର ମାଣିକ, ମୁଖ୍ୟପରାମର୍ଶଦାତା ଭାବେ ମନୋଜ ସେଠୀ, କେଦାରଶନ ସାହୁ, ରଞ୍ଜନ ସାହୁ ଯୋଗ ଦେଇଥିଲେ। କାଳନ୍ଦୀ ସାହୁ ଧନ୍ୟବାଦ ଦେଇଥିଲେ।



## ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ରହସ୍ୟ: ମିଳୁନି ଭୀମସେନର ଲାପଟପ୍

ବାରଙ୍ଗ, ୧୮।୬(ସମିସ): ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଛି ବାରଙ୍ଗ ଥାନା ପୁଲିସ। ହତ୍ୟାକାଣ୍ଡର ରହସ୍ୟ ଖୋଲିବା ପାଇଁ ପୁଲିସ ଏବେ ଅଭିଯୁକ୍ତ ଭୀମସେନଙ୍କ ଦ୍ୱାରା ବ୍ୟବହୃତ ଲାପଟପ୍‌କୁ ଖୋଜୁଛି। ଚନ୍ଦ୍ରିକାଙ୍କ ପରିବାରବର୍ଗଙ୍କ କହିବା ଅନୁଯାୟୀ, ଲାପଟପ୍‌ରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଛି, କିନ୍ତୁ ଘଟଣାକୁ ସପ୍ତାହେ ବିତିବାକୁ ବସିଥିଲେ ମଧ୍ୟ ପୁଲିସ ଏହାକୁ ଜବତ କରିବାରେ ଏଯାଏଁ ସକ୍ଷମ ହୋଇପାରିନାହିଁ। ଅନ୍ୟପଟେ, ବୁଧବାର ବାରଙ୍ଗ ପୁଲିସ ଚନ୍ଦ୍ରିକାଙ୍କ ଦୁଇଜଣ ପୁରୁଷ ବନ୍ଧୁଙ୍କୁ ଥାନାକୁ ଡକାଇ ଦୀର୍ଘ ସମୟ ଧରି ପଚରାଉଚରା କରିଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ପୁଲିସ ପୂର୍ବରୁ ମୃତା ଚନ୍ଦ୍ରିକାଙ୍କ ଘରେ ପହଞ୍ଚି ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ବୟାନ ରେକର୍ଡ କରିଥିଲା। ଚନ୍ଦ୍ରିକା ଓ ଭୀମସେନଙ୍କ ମଧ୍ୟରେ ଥିବା ସମ୍ପର୍କ, ଅନ୍ୟ ଜଣେ ଯୁବତୀଙ୍କ ଏଣ୍ଟ୍ରି ଏବଂ ବିବାଦର କାରଣ ସମ୍ପର୍କରେ ପୁଲିସ ତଥ୍ୟ ସଂଗ୍ରହ କରୁଛି। ପୁଲିସ ହସ୍ତଗତ ହୋଇଥିବା କଲ୍ ରେକର୍ଡ, ମୋବାଇଲ୍ ହ୍ୱାଟ୍‌ସଆପ୍ ଚାଟ୍ ଏବଂ ଅନ୍ୟାନ୍ୟ କାଗଜପତ୍ରରୁ ସ୍ପଷ୍ଟ ହୋଇଛି ଯେ ଚନ୍ଦ୍ରିକା ନିଜ ମାଆଙ୍କ ନିକଟରେ ଭୀମସେନଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ମନସ୍ଥ କରିଥିଲେ। ଅନ୍ୟପଟେ, ଭୀମସେନ ଗିରଫ ହୋଇଥିବା ନେଇ ବାରଙ୍ଗ ପୁଲିସ ସମ୍ପୃକ୍ତ ପ୍ରଶିକ୍ଷଣ ଏକାଡେମୀକୁ ଅବଗତ କରାଇଛି। ତେବେ ଘଟଣାର ଅନ୍ତର୍ନିହିତ ରହସ୍ୟ ଉନ୍ମୋଚନ କରିବା ପାଇଁ ଭୀମସେନଙ୍କ ପ୍ରଥମ ମହିଳା ବନ୍ଧୁଙ୍କୁ ପୁଲିସ ଦ୍ୱିତୀୟ ଥର ପାଇଁ ଥାନାରେ ହାଜର କରାଇ ରଖିଛି।

# ଶୀତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ସମ୍ପନ୍ନ

### ● କାଶୀ ବିଶ୍ୱନାଥ ମନ୍ଦିର



ଚୌଦ୍ୱାର, ୧୮।୬(ସମିସ): ଚୌଦ୍ୱାରର ବିଭିନ୍ନ ସ୍ଥାନରେ ଶିତଳଷଷ୍ଠୀ ଓ ଶିବ ବିବାହ ଉତ୍ସବ ସମାରୋହରେ ପାଳିତ ହୋଇଛି। ଚାରବାଟିଆ ହାଉସିଂବୋର୍ଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ନୂତନ ଭାବେ ପ୍ରତିଷ୍ଠିତ କାଶୀ ବିଶ୍ୱନାଥ ମନ୍ଦିରରେ ମହାଦେବଙ୍କ ସହ ଜଗତଜନନୀ ମା' ପାର୍ବତୀଙ୍କ ଶୁଭ ବିବାହ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳରୁ ଦେବାଦେବୀ ନିମନ୍ତ୍ରଣ, ନିର୍ବନ୍ଧ ଓ ପାଣିତୋଳା ଆଦି କାର୍ଯ୍ୟକ୍ରମ ପରେ ପ୍ରଭୁ କାଶୀ ବିଶ୍ୱନାଥ ବର ବେଶରେ ସଜ୍ଜିତ ହୋଇ ବାଦ୍ୟ ବିଚିତ୍ରା, ନୃତ୍ୟଗୀତ, ବାଣ ଓ ରୋଶଣି କରି ବରଯାତ୍ରୀଙ୍କ ସହିତ ସହର ପରିକ୍ରମା କରିଥିଲେ। ବିଭିନ୍ନ ଦେବାଦେବୀ ମନ୍ଦିର ପରିଦର୍ଶନ କରିଥିଲେ। ବର ପିତାମାତା ଭାବେ ଦୀପ୍ତିରଞ୍ଜନ ସାମନ୍ତରାୟ ଓ ସୁଜାତା ସାମନ୍ତରାୟ ଏବଂ କନ୍ୟା ପିତାମାତା ଭାବେ ରାଜନ ନାମ୍ବିୟାର ଓ ରେଖା ନାମ୍ବିୟାର କନ୍ୟା ସମର୍ପଣ କାର୍ଯ୍ୟ ତୁଲାଇଥିଲେ। ପୂଜକ ବିଜୟାନନ୍ଦ ତ୍ରିପାଠୀ, ନରହରି ପଣ୍ଡା, ଚିନ୍ମୟ ମହାପାତ୍ର, ବ୍ରହ୍ମାନନ୍ଦ ଦିକ୍ଷିତ୍ ଓ ଧ୍ରୁବଚରଣ କର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀ ଜଗନ୍ନାଥ ମହାପ୍ରଭୁ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ମୀନକେତନ ପଣ୍ଡା, ବୈଷ୍ଣବ ଚରଣ ପ୍ରଧାନ, ଅଜୟ ସ୍ୱାଇଁ, ଶ୍ରୀନିବାସ ସାହୁ, ନାରାୟଣ ଜେନା, ବୀଣାପାଣି ଦାସ ଉତ୍ସବ ପରିଚାଳନା କରିଥିଲେ। ଅନୁରୂପ ଭାବେ ଚୌଦ୍ୱାରସ୍ଥିତ ଚାଟେଶ୍ୱର, କପାଳେଶ୍ୱର, ଚଷାପଡ଼ାସ୍ଥିତ ଚନ୍ଦନେଶ୍ୱର ମନ୍ଦିର ସମେତ ସମସ୍ତ ଶିବ ମନ୍ଦିରରେ ଶିବ ବିବାହ ଉତ୍ସବ ଅନୁଷ୍ଠିତ ହୋଇଛି।

### ● ପ୍ରଭୁ ଶକ୍ତିଶ୍ୱର ମହାଦେବଙ୍କ ରୁଦ୍ରଯଜ୍ଞ

ନିଶ୍ଚିନ୍ତକୋଇଲି: ନଟକାଇ ପଞ୍ଚାୟତ ବାଣୀନଗରଠାରେ ଥିବା ପ୍ରଭୁ ଶକ୍ତିଶ୍ୱର ମହାଦେବଙ୍କର ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ମନ୍ଦିର ପରିସରରେ ମହାମୃତ୍ୟୁଞ୍ଜୟ ରୁଦ୍ର ଯଜ୍ଞ ମଧ୍ୟ ଶୁଭାରମ୍ଭ କରାଯାଇଛି। ପୂଜକ ଘନଶ୍ୟାମ ପାଢ଼ୀ ଓ ଶୁଭାଶିଷ ଷଡ଼ଙ୍ଗୀ ଗୁରୁବାର ପ୍ରଭୁ ଶକ୍ତିଶ୍ୱରଙ୍କର ମହାସ୍ନାନ ଓ ପାରମ୍ପରିକ ପୂଜାର୍ଚ୍ଚନା ସହ ଶୀତଳ ଷଷ୍ଠୀର ବିଶେଷ ପୂଜାନୀତି କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। ସଂଧ୍ୟାରେ ଶକ୍ତିଶ୍ୱର ମହାଦେବ ଦମ୍ପତିଙ୍କର ବିବାହ କାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ବରପିତାଭାବେ ସମର କୁମାର ବେହେରା ଓ କନ୍ୟାପିତା ଭାବେ ଅଚ୍ୟୁତାନନ୍ଦ ଦାସ କାର୍ଯ୍ୟ ନିର୍ବାହ କରିଥିଲେ। ସୁସଜ୍ଜିତ ପାଲିଙ୍କିରେ ପ୍ରଭୁ ଶକ୍ତିଶ୍ୱରଙ୍କୁ ଅଧିଷ୍ଠିତ କରାଇ ଶୋଭାଯାତ୍ରାରେ ବରଯାତ୍ରୀଙ୍କ ମେଳରେ ପାର୍ବତୀଙ୍କ ମନ୍ଦିରକୁ ନିଆଯିବା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ରୁଦ୍ର ଯଜ୍ଞରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ଓ ତାଙ୍କ ଧର୍ମପତ୍ନୀ ଅଧ୍ୟାପିକା ଅନ୍ନପୂର୍ଣ୍ଣା ଜେନା କର୍ତ୍ତା ରହିଛନ୍ତି। ରମେଶଚନ୍ଦ୍ର ସ୍ୱାଇଁ, ସତ୍ୟସାରଥୀ ବେହେରା, ସନ୍ତୋଷ ରାଉତ, ରାଜେନ୍ଦ୍ର ବାରିକ, ସୁନାକର ବରାଳଙ୍କ ସମେତ ଆନନ୍ଦଧାମ ଟ୍ରଷ୍ଟର କର୍ମକର୍ତ୍ତା ସହଯୋଗ କରିଥିଲେ।



### ● ଶ୍ରୀ କୋଟେଶ୍ୱର ମନ୍ଦିରରେ ଦେବ ବିବାହ

କଟକ: ଟାଙ୍ଗୀର ଆରାଧ୍ୟ ଶ୍ରୀଶ୍ରୀ କୋଟେଶ୍ୱରଙ୍କ ମହାଦେବଙ୍କ ଶୁଭ ବିବାହ ଓ ଶୀତଳ ଷଷ୍ଠୀ ଉତ୍ସବ ପାରମ୍ପରିକ ରୀତିରେ ସମ୍ପନ୍ନ ହୋଇଛି। ବର ଓ କନ୍ୟା ପିତାମାତା ଭାବରେ କମଳାକାନ୍ତ କର ଓ ସ୍ମୃତି କର ଏବଂ ପ୍ରଦୀପ୍ତଚନ୍ଦ୍ର ରଥ ଓ ନିୟମିତା ରଥ ଦାୟିତ୍ୱ ନିର୍ବାହ କରିଥିଲେ। ବିଧାୟକ ପ୍ରଶାନ୍ତ କୁମାର ବେହେରା, କୋଟେଶ୍ୱର ମନ୍ଦିର କଲ୍ୟାଣ ସମିତିର



ମୁଖ୍ୟ ପୃଷ୍ଠପୋଷକ ଡ. ପ୍ରମୋଦଚନ୍ଦ୍ର ରଥ, ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ଓଝା, ଏବିଡିଓ ଶାଶ୍ୱତ କୁମାର ଜେନା, କଲ୍ୟାଣ ସମିତି ସମ୍ପାଦକ ଶୁଭେନ୍ଦ୍ରନାଥ ଷଡଙ୍ଗୀ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବାବାଜୀ ମହାନ୍ତି, ଜୟନ୍ତ କୁମାର ଦାସ, ବିଜୟ କୁମାର ସାହୁ, ଅଶୋକ କୁମାର ପୃଷ୍ଟି, ରାଜକିଶୋର ସାହୁ, ଆକାଶ ପାତ୍ର, ରବୀନ୍ଦ୍ର ଲେଙ୍କା, ଅକ୍ଷୟ ବେହେରା, ସନ୍ତୋଷ ସାହୁ, ଦୈତାରୀ ସାହୁ, ଜଗବନ୍ଧୁ ସାହୁ, ରମେଶ ବେହେରା, ଲୋରାମିତ୍ରା ରଥ, ପ୍ରିୟଦର୍ଶିନୀ ପାଢ଼ୀ, ମମତା ଭୂୟାଁ, ପୂର୍ବତନ ସରପଞ୍ଚ ନିହାର ରଞ୍ଜନ ମଲ୍ଲିକ, ରବୀନ୍ଦ୍ର ଷଡଙ୍ଗୀଙ୍କ ସମେତ ବହୁମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। 'ସତ୍ୟ ସନାତନ ଭାଗବତ ପ୍ରଚାର ସମିତି' ପକ୍ଷରୁ ସଭାପତି ସିଦ୍ଧେଶ୍ୱର ନାୟକଙ୍କ ପୌରୋହିତ୍ୟରେ ଭାଗବତ ପାରାୟଣ ଏବଂ ବନ୍ଧାଳ, କୋଟସାହି, କଣ୍ଟ୍ରାକ୍ଟରୀ ସାହିର ସଂକୀର୍ତ୍ତନମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ପଣ୍ଡିତ ପ୍ରଭାତ ଦାଶ, କ୍ଷୀରୋଦ କର, ବିଜୟ ପଣ୍ଡା ପ୍ରମୁଖ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ସଂଧ୍ୟାରେ ବାଜାବାଣ ରୋଶଣି ସହ ସୁସଜ୍ଜିତ ରଥରେ ମାତା ପାର୍ବତୀଙ୍କ ସହ ମହାପ୍ରଭୁ କୋଟେଶ୍ୱର ନଗର ପରିକ୍ରମା କରିବା ପରେ ବିଳମ୍ବିତ ରାତିରେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ।

### ● ରଙ୍ଗେଶ୍ୱରୀ ପୀଠ

ନିଶ୍ଚିନ୍ତକୋଇଲି: ନିଶ୍ଚିନ୍ତକୋଇଲି ବ୍ଲକ ଗୋପପୁର ରଙ୍ଗମୁଣ୍ଡାଇ ସାଧୁପୁର ଗ୍ରାମ କେନ୍ଦ୍ରସ୍ଥଳୀରେ ଥିବା ମା'ରଙ୍ଗେଶ୍ୱରୀ ପୀଠରେ ପ୍ରଭୁ ଦୁର୍ଗାଶଙ୍କର ମହାଦେବଙ୍କ ବିବାହ କାର୍ଯ୍ୟ ପବିତ୍ର ଶୀତଳଷଷ୍ଠୀ ଅବସରରେ ସମ୍ପନ୍ନ ହୋଇଛି। ବରପିତା ଭାବେ ପ୍ରଦୀପ୍ତ କୁମାର ପଣ୍ଡା, କନ୍ୟାପିତା ଭାବେ ବିଜୟ କୁମାର ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। ପୁରୋହିତ ସୁଚିତ୍ର ଦାଶ, ପୂଜକ ରଘୁନାଥ ପଣ୍ଡା, ବିଶ୍ୱନାଥ ନନ୍ଦଙ୍କ ତତ୍ତ୍ୱାବଧାନରେ ପ୍ରଭୁ ଦୁର୍ଗାଶଙ୍କରଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ଶୋଭାଯାତ୍ରାରେ କନ୍ୟା ପାର୍ବତୀଙ୍କ ମନ୍ଦିରକୁ ନିଆଯାଇଥିଲା। ସୁରେନ୍ଦ୍ର ପଣ୍ଡା ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ କରାଇଥିଲେ। ବିବାହ କମିଟିର ସମସ୍ତ କର୍ମକର୍ତ୍ତା ଓ ସ୍ଥାନୀୟ ଗ୍ରାମବାସୀ ପ୍ରଭୁଙ୍କ କୃପା ଭିକ୍ଷା କରିଥିଲେ।





## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୫୩
- ପାଉଣ୍ଡ ୧୨୬.୦୩
- ୟୁରୋ ୧୦୯.୦୫
- ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୭,୦୫୦ (ଭୁବନେଶ୍ୱର)
- ରୁପା : ୨,୭୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୪୦୯.୦୦
- ନିଫ୍ଟି ୨୪,୧୬୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ୨୦୨୫-୨୬ ପାଇଁ ମିଳିଲା କେନ୍ଦ୍ର ସରକାରଙ୍କ ମଞ୍ଜୁରୀ

# ଇପିଏଫ୍ ସୁଧ ହାର ଅପରିବର୍ତ୍ତିତ




ନୂଆଦିଲ୍ଲୀ,୧୮।୬(ଏଜେନ୍ସି): ୨୦୨୫-୨୬ ଆର୍ଥିକବର୍ଷ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ଜମା ଉପରେ ସଦସ୍ୟମାନଙ୍କୁ ୮.୨୫% ସୁଧ ହାର ମିଳିବ। କେନ୍ଦ୍ର ସରକାର ଗୁରୁବାର ଏହି ସୁଧ ହାରକୁ ମଞ୍ଜୁରୀ ଦେଇଛନ୍ତି। ଯାହାଫଳରେ ଚଳିତ ମାସରେ ସୁଧ ବାବଦ ଅର୍ଥ ରାଶି ଇପିଏଫ୍ ସଦସ୍ୟଙ୍କ ଆକାଉଣ୍ଟରେ ଜମା ହେବ ବୋଲି ଆଶା କରାଯାଉଛି। ଏହା ୭ କୋଟିରୁ ଅଧିକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) ସଦସ୍ୟଙ୍କୁ ଲାଭ ଦେବ। ପୂର୍ବରୁ ଇପିଏଫ୍‌ଓ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ଇପିଏଫ୍ ଜମା ଉପରେ ୮.୨୫% ସୁଧ ହାର ଅନୁମୋଦନ କରିଥିଲା। ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକରେ ଇପିଏଫ୍‌ର ସୁଧ ହାର ସୁପାରିଶ କରିଥାଏ। ସିବିଟି ପିଏଫ୍ ଉପରେ ସୁଧ ହାରକୁ ଅନୁମୋଦନ କରିବା ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟ ନିକଟକୁ ପଠାଯାଏ। ଅର୍ଥ ମନ୍ତ୍ରଣାଳୟରୁ ସବୁଜ ସଙ୍କେତ ପାଇବା ପରେ କେନ୍ଦ୍ର ଶ୍ରମ ଏବଂ ନିଯୋଜନ ମନ୍ତ୍ରଣାଳୟ ଏହାକୁ ଆନୁଷ୍ଠାନିକ ଭାବରେ ସୂଚିତ କରିବ ଏବଂ ସୁଧ ରାଶି ଗ୍ରାହକମାନଙ୍କ ଆକାଉଣ୍ଟରେ ଜମା କରାଯିବ। ସଚନାଯୋଗ୍ୟ ଯେ, ପିଏଫ୍ ହେଉଛି ବେସରକାରୀ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ଏକ ବାଧ୍ୟତାମୂଳକ ସରକାରୀ ସଞ୍ଚୟ ଯୋଜନା। କର୍ମଚାରୀମାନେ ସେମାନଙ୍କର ମୂଳ ଦରମାର ୧୨% ଏଥିରେ ଯୋଗଦାନ କରନ୍ତି, ଯେତେବେଳେ କମ୍ପାନୀ ସମାନ ପରିମାଣର ଅଂଶ ଯୋଗଦାନ କରିଥାଏ। ଉଦାହରଣ ସ୍ୱରୂପ ୮.୨୫% ସୁଧ ହାର ଅନୁମୋଦନ ପରେ ଯଦିଜଣେ ଇପିଏଫ୍‌ଓ ସଦସ୍ୟଙ୍କ ପିଏଫ୍ ବାଲାନ୍ସ ୧ ଲକ୍ଷ ଟଙ୍କା ଅଛି, ତେବେ ସେ ୮୨୫୦ ଟଙ୍କା ସୁଧ ପାଇବେ।

ଗତ ବର୍ଷ ଫେବୃଆରୀରେ, ଇପିଏଫ୍‌ଓ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ସୁଧ ହାରକୁ ୮.୨୫% ପ୍ରତିଶତରେ ଅପରିବର୍ତ୍ତିତ ରଖିଥିଲା। ତେବେ ୨୦୨୪ରେ ଇପିଏଫ୍‌ଓ ୨୦୨୩-୨୪ ପାଇଁ ସଦସ୍ୟଙ୍କ ସୁଧ ହାରରେ ସାମାନ୍ୟ ବୃଦ୍ଧି କରି ୮.୨୫% ପ୍ରତିଶତ କରିଥିଲା, ଯାହା ୨୦୨୨-୨୩ରେ ୮.୧୫% ପ୍ରତିଶତ ଥିଲା। ସେହିପରି ୨୦୨୨ ମାର୍ଚ୍ଚରେ ସଂଗଠନ ୨୦୨୧-୨୨ ପାଇଁ ସୁଧ ହାରକୁ ୮.୧୦% ପ୍ରତିଶତକୁ ହ୍ରାସ କରିଥିଲା, ଯାହା ଚାରି ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ସର୍ବନିମ୍ନ ସ୍ତର ରହିଥିଲା, ଯାହାକି ପୂର୍ବରୁ, ୨୦୨୦-୨୧ରେ ଏହି ସୁଧ ହାର ୮. ୫% ପ୍ରତିଶତ ଥିଲା। ୧୯୭୭-୭୮ ଆର୍ଥିକବର୍ଷରେ ଏହା ୮ ପ୍ରତିଶତ ଥିଲା। ୨୦୨୦ ମାର୍ଚ୍ଚରେ ଇପିଏଫ୍‌ଓ ୨୦୧୯-୨୦ ପାଇଁ ଭବିଷ୍ୟନିଧି ପାଣ୍ଠି ଜମା ଉପରେ ସୁଧ ହାରକୁ ୮.୫% ପ୍ରତିଶତକୁ ହ୍ରାସ କରିଥିଲା, ଯାହା ୨୦୧୮-୧୯ରେ ୮.୬୫ ପ୍ରତିଶତ ଥିଲା। ଅପରପକ୍ଷେ ସଂଗଠନ ୨୦୧୬-୧୭ରେ ୮.୬୫ ପ୍ରତିଶତ ଏବଂ ୨୦୧୭-୧୮ରେ ୮.୫୫ ପ୍ରତିଶତ ସୁଧ ହାର ପ୍ରଦାନ କରିଥିଲା, ଯାହା ୨୦୧୫-୧୬ରେ ୮.୮ ପ୍ରତିଶତ ଥିଲା। ୨୦୧୩-୧୪ ଏବଂ ୨୦୧୪-୧୫ରେ ସୁଧ ହାର ୮.୭୫ ପ୍ରତିଶତ ଥିଲା, ଯାହା ୨୦୧୨-୧୩ରେ ୮.୫ ପ୍ରତିଶତ ଥିଲା। ୨୦୧୧-୧୨ରେ ଏହି ହାର ୮.୨୫ ପ୍ରତିଶତ ରହିଥିଲା।

# ଜୁନ୍ ଶେଷ ସୁଦ୍ଧା ୟୁପିଆଇ, ଏଟିଏମ୍ ଆଧାରିତ ପିଏଫ୍ ଉଠାଣ

ନୂଆଦିଲ୍ଲୀ,୧୮।୬(ଏଜେନ୍ସି): କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ)ର ପ୍ରାୟ ୭ କୋଟି ଆକାଉଣ୍ଟଧାରୀଙ୍କ ପାଇଁ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସବୁଠାରୁ ବଡ଼ ଡିଜିଟାଲ୍ ସଂସ୍କାର କାର୍ଯ୍ୟକାରୀ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ୨୦୨୬ ଜୁନ୍ ଶେଷ ସୁଦ୍ଧା ପିଏଫ୍ ଆକାଉଣ୍ଟଧାରୀମାନେ ଏଟିଏମ୍ ଏବଂ ୟୁପିଆଇ ମାଧ୍ୟମରେ ସିଧାସଳଖ ତୁରନ୍ତ ଟଙ୍କା ଉଠାଣ ସୁବିଧା ପାଇବେ। ଇପିଏଫ୍‌ଓ ୩.୦ ସ୍କିମ୍‌ରେ ପିଏଫ୍ ଉଠାଣ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କାଗଜବିହୀନ ଏବଂ ସ୍ୱଚ୍ଛ କରିବାକୁ ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡଭିଆ ନିଶ୍ଚିତ କରିଛନ୍ତି ଯେ ଜାତୀୟ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସହଯୋଗରେ ମିଳିତ ଭାବରେ କରାଯାଉଥିବା ଏହି ନୂତନ ବୈଶିଷ୍ଟ୍ୟର ବୈଷୟିକ ପରୀକ୍ଷଣ ସଫଳତାର ସହିତ ସମାପ୍ତ ହୋଇଛି। ଏଥିପାଇଁ ବିଭାଗ ଏହାର ମୂଳ ସର୍ଭର ଭିତ୍ତିଭୂମିକୁ ଅପଗ୍ରେଡ୍ କରୁଛି, ଯାହା ପରେ ସେବାକୁ ଶୀଘ୍ର ଲାଇଭ୍ କରାଯିବ। ନୂତନ ବ୍ୟବସ୍ଥା ଅନୁଯାୟୀ, ସଦସ୍ୟମାନଙ୍କୁ ଆଉ ନିଜସ୍ୱ ପାଣ୍ଠି ଉଠାଣ ପାଇଁ ନିଯୁକ୍ତିଦାତାଙ୍କ ଦସ୍ତଖତ କିମ୍ବା ଲମ୍ବା କାଗଜପତ୍ର ଆବଶ୍ୟକ ହେବ ନାହିଁ।

କର୍ମଚାରୀଙ୍କ ଭବିଷ୍ୟତ ଏବଂ ଅବସର ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏଥିରେ କିଛି ଉଠାଣ ସୀମା ସ୍ଥିର କରିଛନ୍ତି। ଏହି ଅନୁଯାୟୀ, ଜରୁରୀକାଳୀନ ପରିସ୍ଥିତିରେ ଆକାଉଣ୍ଟଧାରୀ ୟୁପିଆଇ କିମ୍ବା ଏଟିଏମ୍ ମାଧ୍ୟମରେ ସେମାନଙ୍କର ମୋଟ ଇପିଏଫ୍ ବାଲାନ୍ସର ୫୦% ରୁ ୭୫% ଅର୍ଥ ଉଠାଣ କରିପାରିବେ। ଆହୁରିମଧ୍ୟ ଏଥିରେ ଅବସରକାଳୀନ ପାଣ୍ଠିକୁ ସୁରକ୍ଷିତ ରଖିବା ପାଇଁ ସର୍ବଦା ଆକାଉଣ୍ଟରେ ସର୍ବନିମ୍ନ ୨୫% ବାଲାନ୍ସ ବଜାୟ ରଖିବା ବାଧ୍ୟତାମୂଳକ ହେବ। ଅସୁସ୍ଥତା, ଶିକ୍ଷା କିମ୍ବା ବିବାହ ଭଳି ଅତ୍ୟାବଶ୍ୟକ ଆବଶ୍ୟକତା ପାଇଁ କୌଣସି ମାନବ ହସ୍ତକ୍ଷେପ ଆବଶ୍ୟକ ନ ଥିବା ଅଟୋ-ସେଟେଲମେଣ୍ଟ ସୀମାକୁ ୧ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି।

ଏହି ବୈଶିଷ୍ଟ୍ୟ ସକ୍ରିୟ ହେବା ପରେ ସଦସ୍ୟମାନଙ୍କ ପାଖରେ ଇପିଏଫ୍‌ଓ ସଦସ୍ୟ ପୋର୍ଟାଲ କିମ୍ବା ଉମଙ୍ଗ ଆପରେ ଏକ ନୂତନ ୟୁପିଆଇ ମାଧ୍ୟମରେ ଉଠାଣ ବିକଳ୍ପ ରହିବ। ସଦସ୍ୟଙ୍କୁ ସେମାନଙ୍କର ବୈଧ ୟୁପିଆଇ ଆଇଡି ଏଣ୍ଟ୍ରି କରିବାକୁ ପଡିବ, ଯାହା ପରେ ଗୁଗଲ୍ ପେ', ଫୋନ୍ ପେ' କିମ୍ବା ପେଟିଏମ୍ ଭଳି ଆପରେ ଏକ ନିର୍ଦ୍ଦେଶ ଅନୁରୋଧ ସୃଷ୍ଟି ହେବ। ଆଧାର-ଆଧାରିତ ଓଟିପି ପ୍ରମାଣୀକରଣ ସମାପ୍ତ ହେବା ପରେ, ପାଣ୍ଠି ସିଧାସଳଖ ଲିଙ୍କ୍ ହୋଇଥିବା ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହେବ, ଯାହାକୁ ଏଟିଏମ୍ ମାଧ୍ୟମରେ ଉଠାଯାଇପାରିବ। ଏହି ପ୍ରଯୁକ୍ତିବିଦ୍ୟାରୁ ସୁଗମ ଭାବରେ ଲାଭ ପାଇବା ପାଇଁ ଆକାଉଣ୍ଟଧାରୀଙ୍କୁ ତୁରନ୍ତ ସେମାନଙ୍କର କେୱାଇସି ପ୍ରକ୍ରିୟାକୁ ଅପଡେଟ୍ କରିବାକୁ ପରାମର୍ଶ ଦିଆଯାଇଛି।

# ଫୋନ୍‌ପେ' ବ୍ୟବହାର ନ କଲେ ୧୦୦ ଟଙ୍କା ଶୁଳ୍କ

ମୁମ୍ବଇ,୧୮।୬(ଏଜେନ୍ସି):ଏଣିକି ଡିଜିଟାଲ୍ ପେମେଣ୍ଟ ଆପ୍ ଫୋନ୍‌ପେ' ବ୍ୟବହାରକାରୀ ଯଦି ତାଙ୍କର ୱାଲେଟ୍‌କୁ ଦୀର୍ଘ ଦିନ ଧରି ବ୍ୟବହାର କରୁନାହାଁନ୍ତି , ତେବେ ତାଙ୍କୁ ଦେବାକୁ ହେବ ଶୁଳ୍କ। ଫୋନ୍‌ପେ' ଏହାର ୱାଲେଟ୍ ସେବାକୁ ନେଇ ଏଭଳି ଏକ ନୂଆ ନିୟମ ଲାଗୁ କରିଛି। କମ୍ପାନୀର ନୂଆ ନିୟମ ଅନୁଯାୟୀ, ୱାଲେଟ୍‌କୁ ଦୀର୍ଘ ଦିନ ଧରି ବ୍ୟବହାର କରୁ ନ ଥିଲେ ବ୍ୟବହାରକାରୀଙ୍କୁ ୧୦୦ ଟଙ୍କା ପର୍ଯ୍ୟନ୍ତ ମେଣ୍ଟେନାନ୍ସ ଫି' ଦେବାକୁ ପଡିପାରେ।

ଫୋନପେ'ର ନୂଆ ଗାଇଡଲାଇନ ଅନୁଯାୟୀ, ଯଦି କୌଣସି ୟୁଜର ଗତ ୩୬୫ ଦିନ ବା ବର୍ଷକ ମଧ୍ୟରେ ୱାଲେଟ୍ ମାଧ୍ୟମରେ କୌଣସି ପ୍ରକାର ଆର୍ଥିକ କାରବାର କରିନାହାଁନ୍ତି, ତେବେ ସେହି ୱାଲେଟ୍‌କୁ ନିଷ୍କ୍ରିୟ ବୋଲି ବିବେଚନା କରାଯିବ। ଏଭଳି ସ୍ଥିତିରେ କମ୍ପାନୀ ଗ୍ରାହକଙ୍କଠାରୁ ୧୦୦ ଟଙ୍କା ତ୍ରୈମାସିକ ଶୁଳ୍କ ଆଦାୟ କରିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେବଳ ଫୋନପେ' ଆପ୍ ଖୋଲିବା କିମ୍ବା ବ୍ୟାଙ୍କ ଆକାଉଣ୍ଟରୁ ସିଧାସଳଖ ୟୁପିଆଇ ପେମେଣ୍ଟ କରିବା ଏହି ଶୁଳ୍କରୁ ରକ୍ଷା ପାଇବା ପାଇଁ ଯଥେଷ୍ଟ ନୁହେଁ। ଏହି ଶୁଳ୍କରୁ ବଞ୍ଚିବା ପାଇଁ ୱାଲେଟ୍ ମାଧ୍ୟମରେ କିଛି ନା କିଛି କାରବାର କରିବା ବାଧ୍ୟତାମୂଳକ। ଶୁଳ୍କ କାଟିବାର ୧୫ ଦିନ ପୂର୍ବରୁ କମ୍ପାନୀ ୟୁଜରଙ୍କୁ ନୋଟିସ୍ ପଠାଇବ। ଯଦି ୱାଲେଟରେ ୧୦୦ ଟଙ୍କା କିମ୍ବା ତା'ଠାରୁ ଅଧିକ ବାଲାନ୍ସ ଥିବ, ତେବେ କମ୍ପାନୀ ସିଧାସଳଖ ତାହା କାଟିନେବ। ଯଦି ୱାଲେଟରେ ୧୦୦ ଟଙ୍କାରୁ କମ୍ ବାଲାନ୍ସ ଥିବ, ତେବେ ୱାଲେଟରେ ଥିବା ସମସ୍ତ ଅର୍ଥ କଟିଯିବ ଏବଂ ବାଲାନ୍ସ ଶୂନ ହୋଇଯିବ। କିନ୍ତୁ ଆକାଉଣ୍ଟ କେବେବି ନେଗେଟିଭ୍ ହେବ ନାହିଁ। ଫୋନପେ'ର ଏହି ନିଷ୍ପତ୍ତିକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ୟୁଜରମାନେ ଅଭିଯୋଗ କରିଛନ୍ତି ଯେ, ଅଧିକାଂଶ ଲୋକ ବ୍ୟାଙ୍କ ଖାତାରୁ ସିଧାସଳଖ ୟୁପିଆଇ ପେମେଣ୍ଟ କରୁଛନ୍ତି, ତେଣୁ ୱାଲେଟ୍ ବ୍ୟବହାର କରୁ ନ ଥିବା ୟୁଜରଙ୍କ ଉପରେ ଏଭଳି ଶୁଳ୍କ ଲଦିବା ଠିକ୍ ନୁହେଁ। ସୂଚନାଯୋଗ୍ୟ, ଫୋନପେ' ପ୍ରଥମ କମ୍ପାନୀ ନୁହେଁ ଯିଏ ଏଭଳି ଶୁଳ୍କ ଲାଗୁ କରିଛି। ଏହା ପୂର୍ବରୁ ମୋବିକ୍ୱିକ୍ ଓ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ମଧ୍ୟ ଅଚଳ ୱାଲେଟ୍ ଉପରେ ସମାନ ଧରଣର ଶୁଳ୍କ ନୀତି ଲାଗୁ କରିସାରିଛନ୍ତି।



### ଗ୍ରାହକଙ୍କଠାରୁ ଅସୁଲ ହେବ ମେଣ୍ଟେନାନ୍ସ ଫି'

### ନୂଆ ନିୟମରେ ଅସନ୍ତୋଷ ଗ୍ରାହକ

# ସାରା ବିଶ୍ୱରେ ଦେଶ ଛାଡ଼ିବେ ୧.୬୫ ଲକ୍ଷ କୋଟିପତି




ନୂଆଦିଲ୍ଲୀ, ୧୮।୬ (ଏଜେନ୍ସି): ହେନଲି ପ୍ରାଇଭେଟ୍ ସମ୍ପତ୍ତି ପ୍ରବାସ ରିପୋର୍ଟ ୨୦୨୬ ଅନୁଯାୟୀ, ଚଳିତବର୍ଷ ସାରା ବିଶ୍ୱରେ ରେକର୍ଡ ୧୬.୫ ନିୟୁତ କୋଟିପତି ନିଜ ଦେଶ ଛାଡିବାକୁ ପ୍ରସ୍ତୁତ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ବର୍ଷ ବିଶ୍ୱରେ ପ୍ରାୟ ୧୪.୨ ନିୟୁତ କୋଟିପତି ଦେଶ ଛାଡିଥିଲେ। ୨୦୨୪ରେ ଏହି ସଂଖ୍ୟା ୧୩.୪ ନିୟୁତକୁ ବୃଦ୍ଧି ପାଇବ, ଯାହା ୨୦୧୩ରେ ୫୧,୦୦୦ ରହିଥିଲା। ଧନୀ ପରିବାର ଏବେ କେବଳ ଟିକସ ଛାଡ଼ ପାଇଁ ନୁହେଁ ବରଂ ସ୍ଥିରତା, ସୁରକ୍ଷା ଏବଂ ଉତ୍ତମ ନିବେଶ ସୁଯୋଗ ପାଇଁ ଅନ୍ୟ ଦେଶକୁ ଚାଲିଯାଉଛନ୍ତି। ୮୫.୩ ସ୍କୋର ସହିତ ୟୁଏଇ କୋଟିପତିଙ୍କ ପାଇଁ ସବୁଠାରୁ ପସନ୍ଦିତ 'ସମ୍ପତ୍ତି ହବ୍'। ଏଥିରେ ଭାରତର ସ୍କୋର ୫୬.୫ ସ୍କୋର ରହିଛି। ଭାରତରେ କେବଳ ଜଟିଳ ଟିକସ ନିୟମ ଭାରତୀୟ କୋଟିପତିଙ୍କ ପାଇଁ ସମସ୍ୟା ପାଲଟିଛି।

ଆମେରିକାର ସମ୍ପତ୍ତି ଗତିଶୀଳତା ସ୍କୋର କେବଳ ୬୨.୩। ବିଶ୍ୱର ସବୁଠାରୁ ଧନୀ ଦେଶ ଆମେରିକା ଛାଡି ଅନ୍ୟ ଦେଶକୁ ଚାଲିଯିବାକୁ ସର୍ବାଧିକ ସଂଖ୍ୟକ ଲୋକ ଚାହୁଁଥିବା ଜଣାପଡିଛି। ତେବେ ୨୦୨୫ରେ ଏପରି ଆବେଦନ ଦୁଇଗୁଣ ବୃଦ୍ଧି ପାଇଥିଲା। ୨୦୨୬ ମସିହାରେ ଏହି ଗତି ଜାରି ରହିଛି। କେବଳ ୭% ଆବେଦନ ବିଦେଶରେ ରହୁଥିବା ଆମେରିକୀୟମାନଙ୍କଠାରୁ ଆସିଥିଲା, ଅବଶିଷ୍ଟ ଆବେଦନ ଦେଶରେ ରହୁଥିବା ଧନୀ ବ୍ୟକ୍ତିମାନଙ୍କଠାରୁ ଆସିଥିଲା। ଏଥିମଧ୍ୟରୁ ଅଧା ୟୁରୋପ ପାଇଁ ଏବଂ ଏକ ଚତୁର୍ଥାଂଶରୁ ଅଧିକ ଲାଟିନ୍ ଆମେରିକା ଏବଂ କାରିବିଆନ୍ ପାଇଁ ଉର୍ଦ୍ଦିଷ୍ଟ ଥିଲା। ୨୦୨୪-୨୫ ମସିହାରେ ୟୁକେ ଠିକଣାରୁ ଆବେଦନ ୧୫% ବୃଦ୍ଧି ପାଇଥିଲା। ୨୦୨୬ରେ ୫୩% ଆବେଦନ ବିଦେଶୀ ନାଗରିକଙ୍କଠାରୁ ଆସିଥିଲା, ଅର୍ଥାତ୍ ଏଥିରେ ବ୍ରିଟିଶ ନାଗରିକଙ୍କ ସଂଖ୍ୟା ପ୍ରାୟ ଅଧା ଥିଲା। ୨୦୧୮ରେ ଏହି ଅଂଶ ମାତ୍ର ୮% ଥିଲା। ୨୦୧୮ରେ ବ୍ରିଟେନ୍ ୨୦ତମ ବୃହତ୍ତମ ଉତ୍ସ ବଜାର ଥିଲା। ବର୍ତ୍ତମାନ ଏହା ଶୀର୍ଷ ୫ ମଧ୍ୟରେ ଅଛି। ଏସବୁ ବାଦ୍ ଭାରତର ସମ୍ପତ୍ତି ଗତିଶୀଳତା ସ୍କୋର ୫୬.୫। ଏହା ସାଂରଚନିକ ଚ୍ୟାଲେଞ୍ଜ ବର୍ଗରେ ପଡ଼ିଥାଏ। ଏହା ମୁଖ୍ୟତଃ କିଛି ଚୟନିତ ଏବଂ ଜଟିଳ ଟିକସ ନିୟମ ଦ୍ୱାରା ପୁଞ୍ଜିର ନିୟନ୍ତ୍ରଣ ଯୋଗୁଁ ହୋଇଛି। ଧନୀ ଭାରତୀୟ ପରିବାର ପାଇଁ ଦ୍ୱିତୀୟ ବାସସ୍ଥାନ କିମ୍ବା ନାଗରିକତା ଏବେ ସମ୍ପତ୍ତି ଯୋଜନା ଏବଂ ଟିକସ ଗଠନ ଭଳି ନିଷ୍ପତ୍ତିରେ ଏକ ବଡ଼ କାରଣ ହୋଇଯାଇଛି। ଏଥିରେ ଶିକ୍ଷା, ବ୍ୟବସାୟ ପ୍ରସାରଣ ଏବଂ ଉତ୍ତରାଧିକାର ଯୋଜନା ଅନ୍ତର୍ଭୁକ୍ତ। ନିବେଶ-ନାଗରିକତା ଆବେଦନର ପ୍ରାୟ ଅଧା ପର୍ତ୍ତୁଗାଲ, ଇଟାଲୀ, ନେଦରଲ୍ୟାଣ୍ଡ ଏବଂ ସାଇପ୍ରସ ଭଳି ୟୁରୋପୀୟ ଦେଶ ପାଇଁ। ସ୍ପେନର ଗୋଲଡେନ୍ ଭିସା ବନ୍ଦ ହେବା ଏବଂ ପର୍ତ୍ତୁଗାଲର ରିଅଲ୍ ଇଷ୍ଟେଟ୍ ରୁଟ୍ ଅପସାରଣରୁ ଗ୍ରୀସ୍ ସିଧାସଳଖ ଲାଭବାନ ହେଉଥିବା ଜଣାପଡିଛି।

### ୟୁଏଇ, ସିଙ୍ଗାପୁର ପ୍ରଥମ ପସନ୍ଦ

### ସର୍ବାଧିକ ଆମେରିକୀୟ ଦେଶ ଛାଡିବାକୁ ଇଚ୍ଛୁକ

### ଜଟିଳ ଟିକସ ନିୟମ ଭାରତୀୟ କୋଟିପତିଙ୍କ ପାଇଁ ସମସ୍ୟା

# ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜର ସେଲ୍ ଆରମ୍ଭ

ମୁମ୍ବଇ,୧୮।୬: ସାଓମି ଇଣ୍ଡିଆ ପକ୍ଷରୁ ଆଜି ଫାୟାର ଟିଭି ବିଲ୍ଟ-ଇନ ସହ ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ମାର୍ଟ ଟେଲିଭିଜନ ସିରିଜ ୪୩ ଇଞ୍ଚ, ୫୫ ଇଞ୍ଚ, ୬୫ ଇଞ୍ଚ ଓ ୭୫ ଇଞ୍ଚ ସାଇଜରେ ଉପଲବ୍ଧ,ଯାହା ଅତ୍ୟାଧୁନିକ ଡିସ୍‌ପ୍ଲେ ଟେକ୍ନୋଲୋଜି, ନିମଜ୍ଜିତ ସାଉଣ୍ଡ, ଇଂଟେଲିଜେଣ୍ଟ ଫିଚର ଓ ସହଜ କଣ୍ଟେଣ୍ଟ ପହଞ୍ଚକୁ ଏକତ୍ରିତ କରିଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜ୍ ଏମଆଇ ଡଟ୍ କମ, ଆମାଜନ ଡଟ୍ ଇନ, ସାଓମି ରିଟେଲ ଷ୍ଟୋର ଓ ଅଗ୍ରଣୀ ଅଫ୍‌ଲାଇନ ପାର୍ଟନର ଆଉଟଲେଟଗୁଡିକରେ ଉପଲବ୍ଧ ହେଉଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ଟିଭିର ପ୍ରାରମ୍ଭିକ ମୂଲ୍ୟ ୨୯,୯୯୯ ଟଙ୍କା ରହିଛି। ଏହାର ଲଞ୍ଚ୍ ଅଫର୍‌ରେ ନିର୍ଦ୍ଦିଷ୍ଟ ବ୍ୟାଙ୍କ ପାର୍ଟନର ଉପରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ବ୍ୟାଙ୍କ ରିହାତି ସାମିଲ ରହିଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜର ଉପଲବ୍ଧତା ସମ୍ପର୍କରେ ମତବ୍ୟକ୍ତ କରି ସାଓମି ଇଣ୍ଡିଆର ମୁଖ୍ୟ ବାଣିଜ୍ୟ ଅଧିକାରୀ ସନ୍ଦୀପ ସିଂହ ଅରୋରା କହିଛନ୍ତି, ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜ ଏକ ସହଜ ଦୃଶ୍ୟତା ଅନୁଭୂତି ସୃଷ୍ଟି କରିବା ପାଇଁ ଆଡ୍‌ଭାନ୍ସଡ କ୍ୟୁଡି ମିନି ଏଲଇଡି ଟେକ୍ନୋଲୋଜି, ନିମଜ୍ଜିତ ଅଡିଓ ଓ ସହଜ ସ୍ମାର୍ଟ ଫିଚରଗୁଡ଼ିକୁ ଏକତ୍ରିତ କରିଛି।

# ଜେରାଇ ଫିଟ୍‌ନେସ୍ ପକ୍ଷରୁ 'ଲାଷ୍ଟ ୱାନ୍ ଷ୍ଟାଣ୍ଡିଂ' ଶୁଭାରମ୍ଭ

ମୁମ୍ବଇ,୧୮।୬: ଭାରତରେ ଫିଟ୍‌ନେସ୍ ଉପକରଣର ସ୍ୱୟଂଚାଳିତ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଜେରାଇ ଫିଟ୍‌ନେସ୍ ଲିମିଟେଡ ରିବକ୍‌କୁ ଏହାର ପଣ୍ୟଦ୍ରବ୍ୟ ଓ ଫିଟ୍‌ନେସ୍ ସାମଗ୍ରୀର ଅଂଶୀଦାର ଭାବରେ ନେଇ ଏହି ଧରଣର ପ୍ରଥମ ଜାତୀୟସ୍ତରର ସାମର୍ଥ୍ୟ ଓ ସହନଶୀଳତା ଚମ୍ପିଆନସିପ୍ 'ଲାଷ୍ଟ ୱାନ ଷ୍ଟାଣ୍ଡିଂ' ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ଏକ ଫିଟ୍‌ନେସ୍ ପ୍ରତିଯୋଗିତାରୁ ଯଥେଷ୍ଟ ଅଧିକ ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶର ଫିଟ୍‌ନେସ୍ ଉତ୍ସାହୀ, ଆଥଲେଟ, ଜିମ୍ ଯାଉଥିବା ବ୍ୟକ୍ତି ଏବଂ ଦୈନନ୍ଦିନ ଚାଲେଞ୍ଜରମାନଙ୍କୁ ଗୋଟିଏ ସ୍ଥାନରେ ଏକତ୍ରିତ କରିବା ନିମନ୍ତେ ଏକ ବୃହଦାକାୟ ଅଭିଯାନ ଭାବରେ ପରିକଳ୍ପନା କରାଯାଇଛି। ଏହି ଏକ-ଦିବସୀୟ ଚମ୍ପିଆନସିପ୍ ନିମନ୍ତେ ପଞ୍ଜୀକରଣ ଆରମ୍ଭ ହୋଇଛି ଏବଂ ଏହାର ପ୍ରଥମ ସଂସ୍କରଣ ମୁମ୍ବାଇରେ ଡିସେମ୍ବର୧୩, ୨୦୨୬ରେ ଅନୁଷ୍ଠିତ ହେବ। ଏହାର ପ୍ରଥମ ସଂସ୍କରଣ ନିମନ୍ତେ ଅଂଶଗ୍ରହଣକୁ ପ୍ରଥମ ୫୦୦ ପ୍ରବେଶରେ ସୀମିତ ରଖାଯିବ।



# ଓଡ଼ିଶାରେ ପ୍ରତିଷ୍ଠା ହେବ ୪୫୯ଟି ନୂତନ ବ୍ୟାଙ୍କିଙ୍ଗ ସେବା କେନ୍ଦ୍ର

ଭୁବନେଶ୍ୱର,୧୮।୬ : ଗ୍ରାମୀଣ ଓଡ଼ିଶାରେ ବ୍ୟାଙ୍କିଙ୍ଗ ସେବାର ପହଞ୍ଚ ବୃଦ୍ଧି କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ବିଏଲଏସ୍ ଇ-ସର୍ଭିସେସ୍ ଲିମିଟେଡ୍‌ର ସହଯୋଗୀ ସଂସ୍ଥା ଜିରୋ ମାସ୍ ରାଜ୍ୟରେ ୪୫୯ଟି ନୂତନ କଷ୍ଟମର ସର୍ଭିସ ପଏଟ୍ ସ୍ଥାପନ ପାଇଁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ) ଠାରୁ ଏକ ନୂତନ ମାଣ୍ଡେଟ୍ ହାସଲ କରିଛି। ଉକ୍ତ ବ୍ୟାଙ୍କଟି ସରକାରୀ ମାଲିକାନାଭୁକ୍ତ ହୋଇଥିବା ବେଳେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଏହାର ପ୍ରାୟୋଜକ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଛି। ଏହି ନୂତନ କେନ୍ଦ୍ରଗୁଡ଼ିକ ବ୍ୟାଙ୍କର ବ୍ରହ୍ମପୁର, ପିପିଲି ଓ ଖୋର୍ଦ୍ଧା ଅଞ୍ଚଳରେ ସ୍ଥାପିତ ହେବ। ଏହା ମାଧ୍ୟମରେ ଗ୍ରାମ ଓ ଅର୍ଦ୍ଧ-ସହରାଞ୍ଚଳର ହଜାର ହଜାର ଲୋକଙ୍କ ନିକଟରେ ଆବଶ୍ୟକୀୟ ବ୍ୟାଙ୍କିଙ୍ଗ ସେବା ପହଞ୍ଚିପାରିବ। ବର୍ତ୍ତମାନ ସଂସ୍ଥାଟି ଓଡ଼ିଶାରେ ୧୦୦ରୁ ଅଧିକ ଆଉଟଲେଟ୍ ପରିଚାଳନା କରୁଥିବା ବେଳେ, ଏହି ନୂତନ ମାଣ୍ଡେଟ୍ ପରେ ସିଏସପି ସଂଖ୍ୟା ୫୫୦ରୁ ଅଧିକକୁ ବୃଦ୍ଧି ପାଇବ। ଏହି ପଦକ୍ଷେପ ଔପଚାରିକ ବ୍ୟାଙ୍କିଙ୍ଗ ସେବାର ପହଞ୍ଚ ବୃଦ୍ଧି କରିବା ସହ ସ୍ଥାନୀୟ ଯୁବକ-ଯୁବତୀଙ୍କ ପାଇଁ ରୋଜଗାର ସୁଯୋଗ ମଧ୍ୟ ସୃଷ୍ଟି କରିବ।

# ଆଇଓସି ପକ୍ଷରୁ 'ୟୁ କ୍ୟାନ୍ ଡୁ ଦିସ୍'ର ଶୁଭାରମ୍ଭ




ଭୁବନେଶ୍ୱର, ୧୮।୬: ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ପୁଣି ଥରେ ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ଏବଂ ରିଲାଏନ୍ସ ଫାଉଣ୍ଡେସନ ସହିତ ମିଶି ଏହାର ଲେଟସ୍ ମୁଭ୍ ପଦକ୍ଷେପକୁ ଭାରତରେ ଆଣିବାକୁ ଯାଉଛି - ଆଇଓସିର ବର୍ଷସାରା କ୍ରୀଡା ଅଂଶଗ୍ରହଣ ଅଭିଯାନ, ଯାହା ଅଲିମ୍ପିକ୍ ଆନ୍ଦୋଳନର ଶକ୍ତି ଏବଂ ପ୍ରେରଣା ମାଧ୍ୟମରେ ଯୁବକମାନଙ୍କୁ ସକ୍ରିୟ ହେବାକୁ ଉତ୍ସାହିତ ଏବଂ ସମର୍ଥନ କରିବାକୁ ଲକ୍ଷ୍ୟ ରଖିଛି। ଅଲିମ୍ପିକ୍ ଭାଲ୍ୟୁ ଏଜୁକେସନ୍ ପ୍ରୋଗ୍ରାମ୍ (ଓଭିଇପି) ମାଧ୍ୟମରେ ଚାଲିଥିବା ସହଯୋଗର ଏକ ଅଂଶ ଭାବରେ ଏବଂ ପୂର୍ବ ଦୁଇ ବର୍ଷର ସଫଳ ଅଭିଯାନକୁ ଅନୁସରଣ କରି,ଯାହା ୨୦ ନିୟୁତ ଯୁବକଙ୍କୁ ଗତି କରିବାକୁ ସକ୍ଷମ କରିଛି, ଆପଣ ଏହା କରିପାରିବେ! ଲେଟସ୍ ମୁଭ୍ ଅଲିମ୍ପିକ୍ ଦିବସ (୨୩ ଜୁନ୍) ରେ ସମଗ୍ର ଭାରତରେ ଅନେକ କ୍ରୀଡ଼ା କାର୍ଯ୍ୟକଳାପ ଏବଂ ଡିଜିଟାଲ୍ ବିଷୟବସ୍ତୁ ସହିତ ଆରମ୍ଭ ହୁଏ, ଯାହା ଯୁବକମାନଙ୍କୁ ଗତି ଆରମ୍ଭ କରିବାକୁ ଏବଂ କ୍ରୀଡ଼ାର ସମସ୍ତ ଲାଭ ଉପଭୋଗ କରିବାକୁ ପ୍ରସ୍ତୁତ ଅନୁଭବ କରିବାରେ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଛି। ଅଭିନବ ବିନ୍ଦ୍ରା ଫାଉଣ୍ଡେସନ ସମଗ୍ର ଭାରତରେ ଯୁବକମାନଙ୍କ ପାଇଁ କ୍ରୀଡା କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିଛି ଅଭିନବ ବିନ୍ଦ୍ରା ଫାଉଣ୍ଡେସନ, ଆଇଓସି ଏବଂ ଆଞ୍ଚଳିକ ସରକାରଙ୍କ ସହଯୋଗରେ ଯୁବକମାନଙ୍କୁ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ କରିବା ପାଇଁ ୫ଟି ଅଂଚଳ ଯଥା ଓଡ଼ିଶା, ଆସାମ ଏବଂ ଚଣ୍ଡିଗଡ଼ ଏବଂ ପ୍ରଥମ ଥର ପାଇଁ ତେଲେଙ୍ଗାନା ଏବଂ ମେଘାଳୟକୁ ଅନ୍ତର୍ଭୁକ୍ତ କରୁଛି।

### ଭାରତୀୟ ସେୟାର ବଜାର ରଚିଲା ଇତିହାସ

# ବଜାର ପୁଞ୍ଜି ୫ ଟ୍ରିଲିୟନ ଡଲାର ପାର୍



ମୁମ୍ବଇ,୧୮।୬(ଏଜେନ୍ସି): ଭାରତୀୟ ପୁଞ୍ଜି ବଜାର ବୁଧବାର ଏକ ନୂଆ ରେକର୍ଡ କରିଛି। ଭାରତୀୟ ସେୟାର ବଜାରର ବଜାର ପୁଞ୍ଜି ଆଧାରରେ ୫ ଟ୍ରିଲିୟନ ଡଲାର ପାର କରିଯାଇଛି। ଏହାସହିତ ଭାରତ ପୁଣି ଥରେ ବିଶ୍ୱର ଚତୁର୍ଥ ସବୁଠୁ ବଡ଼ ଇକ୍ୱିଟି ବଜାରର ସ୍ଥାନ ହାସଲ କରିଛି। ଏହି ଉପଲବ୍ଧି ଏପରି ସମୟରେ ଆସିଛି ଯେତେବେଳେ ପ୍ରମୁଖ ସୂଚକାଙ୍କ ଲଗାତାର ଚତୁର୍ଥ ବ୍ୟବସାୟିକ ଅଧିବେଶନରେ ଅଭିବୃଦ୍ଧି ସହ ବନ୍ଦ ହେବା ସାଙ୍ଗକୁ ପାଖାପାଖି ୬ ସପ୍ତାହର ଉଚ୍ଚ ସ୍ତର ପାଖାପାଖି ପହଞ୍ଚିଛି। ଏହି ସମୟରେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍‌ଟି) ୦.୪୦% ବୃଦ୍ଧି ସହ ୨୪,୦୮୫.୭୦ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ସେନସେକ୍ସ ୦.୪୫% ବୃଦ୍ଧି ହୋଇ ୭୭,୧୫୫.୬୨ ପଏଣ୍ଟ ସ୍ତରରେ ପହଞ୍ଚିଯାଇଛି।

ଉଭୟ ସୂଚକାଙ୍କରେ ଲଗାତାର ଚତୁର୍ଥ ଦିନ ବୃଦ୍ଧି ଦେଖାଯାଇଛି। ବଜାର ବିଶେଷଜ୍ଞଙ୍କ ଅନୁସାରେ ଅଶୋଧିତ ତୈଳ ଦରରେ ହ୍ରାସ ସହ ବିଦେଶୀ କ୍ରେତାଙ୍କ ଲଗାତାର କ୍ରୟ ଏବଂ ରିସ୍କ ନେବା ପାଇଁ ନିବେଶକଙ୍କ କ୍ଷମତା ବଜାରକୁ ମଜଭୁତ କରିଛି। ଏହାଛଡା ବଜାରରେ ମଧ୍ୟ ସକରାତ୍ମକ ପରିବେଶ ଦେଖାଯାଇଛି। ଭୂ-ରାଜନୈତିକ ଉତ୍ତେଜନା ପରେ ବଢି ଚାଲିଥିବା ଅଶୋଧିତ ତୈଳ ଦରରେ ହ୍ରାସ ବଜାରରେ ଅଭିବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତ ନିଜ ତୈଳ ଆବଶ୍ୟକତାର ଏକ ବୃହତ୍ ଭାଗ ବିଦେଶରୁ ଆମଦାନୀ କରିଥାଏ। ଏଣୁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ମୁଦ୍ରାସ୍ଫୀତି ଉପରେ ଚାପ ହ୍ରାସ କରିଛି। ଫଳରେ ଆମଦାନୀ ବିଲ୍ କମିଥିବାବେଳେ ଏହାର ସକରାତ୍ମକ ପ୍ରଭାବ ସେୟାର ବଜାର ଉପରେ ଦେଖା ଯାଇଛି।

